# ଗର୍ବିତ ଓଡ଼ିଆ

ODIA WEEKLY ● GARVIT ODIA

## କଂଗ୍ରେସରେ ବାଜିଲା ବିଦ୍ରୋହ ବିଗୁଲ

## ଆଉ ଏକ ଆଞ୍ଚଳିକ ଦଳ ଅପେକ୍ଷାରେ

## ଅବିଭକ୍ତ କୋରାପୁଟ: କିଏ ପାଇବେ ନିଗମ ?

## ନୀତିନଙ୍କ ହାତରେ ବିଜେପି ମଙ୍ଗ

## ପେନ୍‌ସନ୍ ଟେନ୍‌ସନ୍

PRGI Registration No. ORORI/25/A3457 | garvitodia@gmail.com | https://epaper.garvitodia.in

VOL-1 ISSUE-4 15 DECEMBER-21 DECEMBER, 2025 KHORDHA Price-Rs 10/- | ଭାଗ-୧ ସଂଖ୍ୟା-୪ ୧୫ ଡିସେମ୍ବର-୨୧ ଡିସେମ୍ବର, ୨୦୨୫ ଖୋର୍ଦ୍ଧା ମୂଲ୍ୟ-୧୦ ଟଙ୍କା ମାତ୍ର



# ଧନ୍ୟବାଦ ସରକାର, ଖୁସି ମାନ୍ୟବର

ବିଧାନସଭାର ଶୀତ ଅଧିବେଶନ ସରିଯାଇଛି । ମହାମହିମଙ୍କ କଥା ମାନି ଶାସକ-ବିରୋଧୀ ଗୃହକୁ ଘଣ୍ଟା ଘଣ୍ଟା ଚଳାଇଛନ୍ତି । ଅନେକ ପ୍ରସଙ୍ଗରେ ଆଲୋଚନା ବି ହୋଇଛି । ହେଲେ ବିଧାନସଭାର ଆଲୋଚନା ଯେତିକି ଚର୍ଚ୍ଚା ସୃଷ୍ଟି କରିନାହିଁ ତା'ଠୁ ଅଧିକ ଚର୍ଚ୍ଚା ସୃଷ୍ଟିକରିଛି ମାନ୍ୟବରଙ୍କ ଦରମା ବୃଦ୍ଧି । ସରକାରଙ୍କ ଏହି ଗୋଟିଏ ନିଷ୍ପତ୍ତିରେ ବିରୋଧୀ ବିଜେଡ଼ି ଓ କଂଗ୍ରେସ ବି ଖୁସି । ସ୍ୱାଭାବିକ ଭାବେ ବିଧାୟକଙ୍କଠୁ ଚାନ୍ଦା, ମେଡ଼ିକାଲ ଓ ଶିକ୍ଷା ସହାୟତା ନିମନ୍ତେ ନିଇତି ଧାଇଁ ଯାଉଥିବା ଲୋକମାନେ କିନ୍ତୁ ରୋଷ ଝାଡ଼ିଛନ୍ତି। ବିଧାୟକମାନଙ୍କର ଦରମା କାହିଁକି ବଢ଼ିଲା ବୋଲି ପ୍ରଶ୍ନ ଉଠାଇଛନ୍ତି ।

ଏହି ପ୍ରସଙ୍ଗରେ ମଧୁବାବୁଙ୍କ ଏକ ଯୁକ୍ତି ବେଶ୍ ପ୍ରାସଙ୍ଗିକ। ସୁରେନ୍ଦ୍ର ମହାନ୍ତି ତାଙ୍କର ପୁସ୍ତକ 'କୁଳବୃଦ୍ଧ'ରେ ଏହାର ଅବତାରଣା କରିଛନ୍ତି । ୭ ମାର୍ଚ୍ଚ ୧୯୨୩, ସ୍ୱାୟତ୍ତ ଶାସନ ଦିବସର ପରଦିନ। ତତ୍କାଳୀନ ବିହାର-ଓଡ଼ିଶା ବିଧାନସଭାରେ ଏକ କଟ୍-ମୋସନ୍ ନୋଟିସ୍ ଉପରେ ଆଲୋଚନା ପ୍ରଗତି ପଥରେ। ସଂଯୁକ୍ତ ପ୍ରଦେଶ, ମାନ୍ଦ୍ରାଜ, ବମ୍ବେ ପ୍ରଭୃତି ପ୍ରଦେଶରେ ମନ୍ତ୍ରୀମାନେ ସ୍ୱଇଚ୍ଛାରେ ନିଜର ବେତନ ଏକ ହଜାର ଟଙ୍କା ଲେଖାଏଁ କମାଇ ଦେଇ ସାରିଥାନ୍ତି। ଆଜି ବିହାର-ଓଡ଼ିଶା ବିଧାନସଭାରେ ଏଇ ପ୍ରଦେଶର ମନ୍ତ୍ରୀମାନଙ୍କ ଦରମା ହଜାରେ ଟଙ୍କା କମ୍ କରିବା ପାଇଁ ବିଧାୟକ ବାବୁ ଗଣେଶ ଦତ୍ତ ସିଂହ କଟ୍-ମୋସନ୍ ନୋଟିସ୍ ଦେଇ, ଲୋକ ପ୍ରତିନିଧିଙ୍କ ନିଃସ୍ୱାର୍ଥପର ମନୋବୃତ୍ତି ବିଷୟରେ ଦେଇଥିବା ଯୁକ୍ତି ଅକାଟ୍ୟ ମନେହେଉଥାଏ। ହେଲେ ବାରିଷ୍ଟର ମଧୁସୂଦନ ଦାସ ହଠାତ ଠିଆହୋଇ ପ୍ରସ୍ତାବର ବିରୋଧ କଲେ। ତାଙ୍କ ଯୁକ୍ତିର ପ୍ରମୁଖ ବିନ୍ଦୁଥିଲା, ଲୋକପ୍ରତିନିଧିମାନଙ୍କୁ ସମ୍ମାନଜନକ ବେତନ ମିଳିବା ଦରକାର। ତ୍ୟାଗ, ସମର୍ପଣର ବାହାନା ଦେଖାଇ ଲୋକ ପ୍ରତିନିଧିମାନଙ୍କୁ ସେମାନଙ୍କ ପ୍ରାପ୍ୟମାନ ଦେୟରୁ ବଞ୍ଚିତ କରିବା ଠିକ୍ ନୁହେଁ । ସେ ସ୍ପଷ୍ଟଭାବେ ସେଦିନ କହିଥିଲେ, 'ଯିଏ ତ୍ୟାଗ କରେ ତା'ର ପରିତୃପ୍ତି ମଧରେ ଥାଏ ତ୍ୟାଗର ମହତ୍ତ୍ୱ, କିନ୍ତୁ ଅନ୍ୟର ପରିତୃପ୍ତି ପାଇଁ ବଳିପଡ଼ିବା ସମ୍ପୂର୍ଣ୍ଣ ନିରର୍ଥକ।' ବାବୁ ଗଣେଶ ଦତ୍ତ ସିଂହଙ୍କୁ ସେ ସେଦିନ ଯଜମାନ ଆଖ୍ୟାଦେଇ, ନିଜକୁ ବଳିବୋଦା ସହ ତୁଳନା କରିଥିଲେ! ସେଦିନ ବାବୁ ଗଣେଶ ଦତ୍ତ ସିଂହଙ୍କ ପ୍ରସ୍ତାବ ବିଧାନ ସଭାରେ ପାସ୍ ହେଲା, ପ୍ରସ୍ତାବଟି ପ୍ରତି ବହୁମତ ଥିବା କାରଣରୁ। କିନ୍ତୁ ସେ ସମୟରେ ସମାଲୋଚନାର ଶିକାର ହୋଇଥିଲେ ଉତ୍କଳଗୌରବ ମଧୁସୂଦନ ଦାସ ।



**ଦରମା ବଢ଼ିଲେ କିଏ ଖୁସିନହେବେ କହିଲେ ? ଖାଲି ଯାହା ସାଧାରଣ ଜନତା ବାଡ଼େଇଛାଟି ହେଉଛନ୍ତି। ଅବଶ୍ୟ ଜନତାଙ୍କ ରୋଷ ଦେଖିବା ପରେ ନବୀନ ବାବୁ ତାଙ୍କର ବର୍ଦ୍ଧିତ ଦରମା ଜନସେବାରେ ଲାଗିବ ବୋଲି କହିଛନ୍ତି। ହେଲେ ଦରମା ବୃଦ୍ଧିକୁ ବିରୋଧ କରିନାହାନ୍ତି। ବାମ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଦରମା ବୃଦ୍ଧିକୁ ବିରୋଧ କରିଛନ୍ତି। ହେଲେ ନେବେନି ବୋଲି କହିନାହାନ୍ତି।**

ବାସ୍ ଏବେ ଆସିବା ମୂଳ ପ୍ରସଙ୍ଗକୁ । ସେଦିନ ମଧୁବାବୁ ଯାହା କହୁଥିଲେ, ଗତ ବିଧାନସଭାରୁ ଏନେଇ ଚଳିତ ବିଧାନସଭା ପର୍ଯ୍ୟନ୍ତ, ଦଳମତ ନିର୍ବିଶେଷରେ ସବୁ ବିଧାୟକ ବିଧାନସଭାରେ ସେମିତି ହିଁ କହୁଥିଲେ । ଆଜିକାଲି ବିଧାୟକଙ୍କର ଖର୍ଚ୍ଚ ଦେଖିଲେ, ବର୍ତ୍ତମାନ ମିଳୁଥିବା ଲକ୍ଷେ ଟଙ୍କା ସେମିତି କିଛି ନଥିଲା । ବିଧାନସଭାର ୨୦% ନେତାଙ୍କର ବିଭିନ୍ନ ବ୍ୟବସାୟ ଥିବାରୁ ସେମାନେ ବାର୍ଷିକ କୋଟିକୋଟି ଟଙ୍କା ରୋଜଗାର କରୁଛନ୍ତି । ଅବଶ୍ୟ ଆଉ କିଛି ବିଧାୟକ ନିଜେ ସାମ୍ନାକୁ ନଆସି ନିଜର ସମ୍ପର୍କୀୟ, କର୍ମୀ ଓ ସହଯୋଗୀଙ୍କ ଜରିଆରେ ବ୍ୟବସାୟ କରି କିଛି ଟଙ୍କା ଉପାର୍ଜନ କରୁଥିବା କଥାଟି ସତ । ଏମିତି ଅନେକ ବିଧାୟକ ଅଛନ୍ତି, ଯେଉଁମାନଙ୍କର ବାହ୍ୟ ଆୟ ଆଦୌ ନାହିଁ କହିଲେ ଚଳେ । ସେହିପରି ଦୁଇ ତିନି ଥର ବିଧାନସଭା ନିର୍ବାଚନରେ ହାରି ପୁଣିଥରେ ବିଧାନସଭା ଫେରିଥିବା କିଛି ନେତା ଏବେ ଋଣରେ ବୁଡ଼ି ରହିଛନ୍ତି। ନିର୍ବାଚନ ଖର୍ଚ୍ଚ ପାଇଁ ସେମାନେ ଆଣିଥିବା ଟଙ୍କା ଶୁଝିନପାରିବାର ବି ନଜିର ରହିଛି। ତଥାପିବି ସାଧାରଣରେ ଗୋଟିଏ ଧାରଣା, ସବୁ ବିଧାୟକ ଖାଉଆ ଗୋଷ୍ଠୀର। ସେମାନେ ଠିକାଦାରଙ୍କ ଠାରୁ ପିସି ନେଇ କୋଟି କୋଟି ଟଙ୍କା ଅର୍ଜନ କରନ୍ତି। ଅବଶ୍ୟ ବାସ୍ତବତା ସେଇଆ ନୁହେଁ। ଏବେ ଅଧିକାଂଶ କାମ ଟେଣ୍ଡରରେ ହେଉଥିବାରୁ ଆଗଭଳି ବିଧାୟକଙ୍କୁ ମୋଟା ପିସି ମିଳୁନାହିଁ। ତା'ମାନେ ନୁହେଁଯେ, ସେମାନଙ୍କର କିଛି ଉପୁରି ରୋଜଗାର ହେଉନାହିଁ । ହେଲେ ସେ ଉପୁରି ଟଙ୍କା, ଗାଁଗହଳିର ପାର୍ବଣ, ପୂଜା, ଖେଳଠାରୁ ନେଇ ବାହାଘର, ବ୍ରତଘର, ଶୁଦ୍ଧିଘର ଆଦିରେ ଉଡ଼ିଯାଏ । ଯଦି ଜଣେ ସଚ୍ଚୋଟ ବିଧାୟକଙ୍କ କଥାକୁ ବିଚାରକୁ ନେବା, ଯେଉଁ ବିଧାୟକଙ୍କର ବ୍ୟବସାୟ ବା ଅନ୍ୟ ସୂତ୍ରରୁ କୌଣସି ବାହ୍ୟ ରୋଜଗାର ନଥିବ ସେକ୍ଷେତ୍ରରେ ବିଧାୟକଙ୍କର ଦରମା ବଢ଼ିବାରେ ଅସଙ୍ଗତି ନାହିଁ। ହେଲେ ମୋହନ ସରକାର କିନ୍ତୁ ବହୁତ ବଢାଇ ଦେଲେ।

ବର୍ଦ୍ଧିତ ଦରମା ପାଇବା ଖୁସିରେ ମୁରୁକୁନ୍ଦ ହସୁଥିବା ବିଧାୟକମାନଙ୍କ ପାଇଁ ପଦେ । ଜନ ଅଭିଯୋଗ ଶୁଣାଣୀ ପାଇଁ ପ୍ରଯୁକ୍ତିର ବ୍ୟବହାର କରାଯାଉ। ହ୍ୱାଟସଆପ ଓ ମେଲ୍ ଜରିଆରେ ଲୋକଙ୍କ ଅଭିଯୋଗ ଶୁଣିବାର ବ୍ୟବସ୍ଥା କରାଗଲେ ବିଧାୟକମାନେ ଲୋକାଦୃତ ହୋଇପାରିବେ । କାହିଁକିନା ଗାଁକୁ ଗାଁ ବୁଲୁଥିବା ବିଧାୟକମାନଙ୍କ ଚାରିପାଖେ କେବଳ ଆଗଧାଡ଼ିର କର୍ମୀମାନେ ହିଁ ଥାଆନ୍ତି । କାଁ ଭାଁ କେହି ସାଧାରଣ ଲୋକଟେ ଅଭିଯୋଗ କରିବାର ସୁଯୋଗ ପାଏ । ପୁଣି ଗାଁ କର୍ମୀଙ୍କ ତାଡ଼ନା କଥା ସେମାନେ ବିଧାୟକଙ୍କ ଆଗରେ କହିବାକୁ ବି ଡରନ୍ତି । ହ୍ୱାଟସଆପ ଜରିଆରେ ବିଧାୟକମାନେ ଅଭିଯୋଗ ଶୁଣିଲେ ଅନେକ କଥା ସେମାନେ ଜାଣିପାରନ୍ତେ ।

ପ୍ରତି ସପ୍ତାହରେ ବିଧାୟକମାନେ ଫେସବୁକ୍ ଲାଇଭ୍ କରିବା ଦରକାର। ଯାହାଫଳରେ ଲୋକମାନେ ସିଧାସଳଖ ଯୋଡ଼ିହୋଇ ସେମାନଙ୍କ ସୁଖଦୁଃଖ କଥା ଜଣାଇପାରିବେ। ବିଧାୟକମାନେ କେବଳ ନିଜ ଅଞ୍ଚଳରେ ବୁଲି ବାହାଘର, ବ୍ରତଘର କି ଶୁଦ୍ଧିଘରେ ଯୋଗଦେଲେ ହେବନି। ବିଧାନସଭାରେ ଆଇନ୍ ପ୍ରଣୟନ ପାଇଁ ସେମାନଙ୍କୁ ଅଧ୍ୟୟନ କରିବା ଦରକାର। ଆଜିକାଲି ଅଧ୍ୟୟନ କମୁଥିବାରୁ ବିଧାନସଭାରେ ଆଲୋଚନା ଦମଦାର ହୋଇପାରୁନି। ଗାଁ ମିଟିଂ ଭଳି କେବଳ ଆକ୍ଷେପ ପ୍ରତିଆକ୍ଷେପ ହିଁ ଶୁଣିବାକୁ ମିଳୁଛି। ଏଥିପାଇଁ ବିଧାୟକମାନେ ରିସର୍ଚ୍ଚ ଟିମ୍ କରିବା ସହ ମାସକୁ ଥରେ ବୁଦ୍ଧିଜୀବୀଙ୍କ ସହ ଆଲୋଚନା କଲେ ଭଲହୁଅନ୍ତା । ଫେସବୁକ, ଇନ୍‌ଷ୍ଟାଗ୍ରାମରେ ସେମାନେ କେବଳ ଚାଲିବାର, ଲୋକଙ୍କୁ ଭେଟିବାର ଭିଡ଼ିଓ ନଛାଡ଼ି ଅଞ୍ଚଳର ବିକାଶ ପାଇଁ ସେମାନଙ୍କ ଭିଜନ ସମ୍ପର୍କରେ ଜଣାଇବା ସହ ଯୁବବର୍ଗଙ୍କୁ ଆହ୍ୱାନ ଦେବାର ଆବଶ୍ୟକତା ରହିଛି । ବିଧାୟକମାନେ ସେମାନଙ୍କ ଦରମା ଅର୍ଥରୁ ଅତି କମ୍‌ରେ ପଚାଶ ହଜାର ଟଙ୍କା ଗବେଷଣା, ସୋସିଆଲ ମିଡ଼ିଆ, ଟେକ୍ନୋଲୋଜି ମାଧ୍ୟମରେ ଅଭିଯୋଗ ଶୁଣାଣୀ ଉପରେ ଗୁରୁତ୍ୱ ଦେଲେ ମାନ୍ୟବରମାନଙ୍କର ଗରିମା ଆହୁରି ବଢ଼ିଯାଆନ୍ତା ।

## ବିଧାୟକଙ୍କ ଦରମା କେଉଁ ରାଜ୍ୟରେ କେତେ ?

| | |
|---|---|
| ଓଡ଼ିଶା | ୩ ଲକ୍ଷ ୪୫ ହଜାର |
| ଉତ୍ତରପ୍ରଦେଶ | ୨ ଲକ୍ଷ ୯୬ ହଜାର |
| ଝାଡ଼ଖଣ୍ଡ | ୨ ଲକ୍ଷ ୯୦ ହଜାର |
| ହିମାଚଳପ୍ରଦେଶ | ୨ ଲକ୍ଷ ୮୦ ହଜାର |
| ମହାରାଷ୍ଟ୍ର | ୨ ଲକ୍ଷ ୫୨ ହଜାର |
| ତେଲେଙ୍ଗାନା | ୨ ଲକ୍ଷ ୫୦ ହଜାର |
| ମଣିପୁର | ୨ ଲକ୍ଷ ୫୦ ହଜାର |
| ହରିୟାଣା | ୨ ଲକ୍ଷ ୫୦ ହଜାର |
| ଉତ୍ତରାଖଣ୍ଡ | ୨ ଲକ୍ଷ ୪୦ ହଜାର |
| ମଧ୍ୟପ୍ରଦେଶ | ୨ ଲକ୍ଷ ୧୦ ହଜାର |
| କର୍ଣ୍ଣାଟକ | ୧ ଲକ୍ଷ ୫୦ ହଜାର |
| ରାଜସ୍ଥାନ | ୧ ଲକ୍ଷ ୫୦ ହଜାର |
| ବିହାର | ୧ ଲକ୍ଷ ୪୩ ହଜାର |
| ଛତିଶଗଡ଼ | ୧ ଲକ୍ଷ ୩୫ ହଜାର |
| ତାମିଲନାଡୁ | ୧ ଲକ୍ଷ ୨୫ ହଜାର |
| ଆନ୍ଧ୍ରପ୍ରଦେଶ | ୧ ଲକ୍ଷ ୨୫ ହଜାର |
| ଦିଲ୍ଲୀ | ୯୦ ହଜାର |
| ଅରୁଣାଚଳ ପ୍ରଦେଶ | ୧ ଲକ୍ଷ ୨୦ ହଜାର |
| ପଞ୍ଜାବ | ୧ ଲକ୍ଷ ୨୦ ହଜା।ର |
| ପଶ୍ଚିମବଙ୍ଗ | ୧ ଲକ୍ଷ ୧୩ ହଜାର |
| ଆସାମ | ୧ ଲକ୍ଷ ୧୨ ହଜାର |
| ଗୁଜୁରାଟ | ୧ ଲକ୍ଷ ୧୦ ହଜାର |
| ମିଜୋରାମ୍ | ୭୫ ହଜାର |
| କେରଳ | ୭୦ ହଜାର |
| ମେଘାଳୟ | ୬୦ ହଜାର |
| ତ୍ରିପୁରା | ୫୦ ହଜାର |

## ଓଡ଼ିଶାରେ ବିଧାୟକ ପାଇବେ ମାସକୁ ୩ ଲକ୍ଷ ୪୫ ହଜାର

| | |
|---|---|
| ଦରମା | ୯୦ ହଜାର |
| ନିର୍ବାଚନମଣ୍ଡଳୀ ଭତ୍ତା | ୭୫ ହଜାର |
| କନଭେୟାନ୍ସ ଭତ୍ତା | ୫୦ ହଜାର |
| ବହି, ପତ୍ରିକା ଭତ୍ତା | ୧୦ ହଜାର |
| ଇଲେକ୍ଟ୍ରି ଭତ୍ତା | ୨୦ ହଜାର |
| ଯାତାୟତ ଭତ୍ତା | ୫୦ ହଜାର |
| ମେଡ଼ିକାଲ ଭତ୍ତା | ୩୫ ହଜାର |
| ଟେଲିଫୋନ୍ ଭତ୍ତା | ୧୫ ହଜାର |

## ପୂର୍ବତନ ବିଧାୟକଙ୍କ ପେନସନ୍

| | |
|---|---|
| ପେନସନ | ୮୦ ହଜାର |

୫ ବର୍ଷରୁ ଅଧିକ ହୋଇଥିଲେ ବର୍ଷକୁ ଅତିରିକ୍ତ ୩ ହଜାର ହିସାବରେ ପେନସନ୍ ପାଇବେ

| | |
|---|---|
| ମେଡ଼ିକାଲ ଭତ୍ତା | ୨୫ ହଜାର |
| ଯାତାୟତ ଭତ୍ତା | ୧୨ ହଜାର ୫ ଶହ |

# କଂଗ୍ରେସରେ ବାଜିଲା ବିଦ୍ରୋହ ବିଗୁଲ

ଜୟଦେବ ଅନଫିଟ୍...
ନିରଞ୍ଜନ ଅନଫିଟ୍...
ପ୍ରସାଦ ଅନଫିଟ୍...
ଶରତ ଅନଫିଟ୍...
ଭକ୍ତ ଅନଫିଟ୍...

ଆଜ୍ଞା, ଏକଥା ଆମେ କହୁନୁ ମ... ହାତରେ 'ହାତ' ମିଶାଇବାକୁ ମିଡ଼ିଆ ଆଗରେ ଆହ୍ୱାନ ଦେଉଥିବା କଂଗ୍ରେସ ନେତାମାନେ ହିଁ ଏମିତି କୁହନ୍ତି । ମନରେ ପ୍ରଶ୍ନ ଉଠେ, ଯଦି ସମସ୍ତେ ଅନଫିଟ୍ ତେବେ ଫିଟ୍ କିଏ ? ଏନେଇ 'ଅଖଛିଣ୍ଡା'ଙ୍କ ଉପସ୍ଥାପନା

**କଂଗ୍ରେସ ଦଳ । ପୁଣି ବିନା କନ୍ଦଳ । ଶିବଙ୍କ ମୁଣ୍ଡରେ ପଛେ ବେଲପତ୍ର ଚଢ଼ା ବନ୍ଦ ହୋଇଯିବ, ହେଲେ କଂଗ୍ରେସରେ କ' ଫର କନ୍ଦଳ ବନ୍ଦ ହେବାର ଚାନ୍ସ ହିଁ ନାହିଁ । ସତେଯେମିତି କନ୍ଦଳ ବନ୍ଦ ହୋଇଗଲେ ବେଦ ଅଶୁଦ୍ଧ ହୋଇଯିବ । କରୋନା ଭାଇରସ୍ ଭଳି କଂଗ୍ରେସର 'କନ୍ଦଳ' ଭାଇରସ୍ ଡିଆଁଡେଇଁ କରେ । ଅବଶ୍ୟ କଳି କରିବା, ଖେଣ୍ଟିଆଖେଣ୍ଟି ହେବା କଂଗ୍ରେସିଆଙ୍କର ଖୋଇ କହିଲେ ଅତ୍ୟୁକ୍ତି ହେବନାହିଁ ।**

## ଭକ୍ତଙ୍କ ଟ୍ରେଲର ଭଲଥିଲା, ହେଲେ...

ଭକ୍ତ ଦାସ ରାଜ୍ୟ ରାଜନୀତିର ଚର୍ଚ୍ଚିତ ଚେହେରା । ଜନତା ପାର୍ଟିରୁ କ୍ୟାରିୟର ଆରମ୍ଭ କରିଥିବା ଭକ୍ତ ଏବେ କଂଗ୍ରେସରେ ଦବଦବା ଜାହିର କରୁଛନ୍ତି । ଏସସି ବର୍ଗରୁ ପ୍ରତିନିଧିତ୍ୱ କରୁଥିବାବେଳେ ଇଂରାଜୀ ଓ ହିନ୍ଦୀରେ ଭଲ ଝାଡ଼ିପାରନ୍ତି । ଅତୀତରେ ଏଆଇସିସି ତାଙ୍କୁ ବହୁ ଗୁରୁ ଦାୟିତ୍ୱ ଦେଇଥିଲା । ଭକ୍ତ ପିସିସି ସଭାପତି ଦାୟିତ୍ୱ ନେବା ଦିନରୁ ଆକ୍ରମଣାତ୍ମକ ମୁଦ୍ରାରେ ରହିଥିଲେ । ଭଙ୍ଗା ହାତରେ ସେ 'ହାତ' ଯୋଡ଼ିବାକୁ ପଦଯାତ୍ରା କରିଥିଲେ । ପ୍ରତି ପ୍ରସଙ୍ଗରେ ସରକାରଙ୍କୁ ଘେରିବା, ମାଷ୍ଟରକ୍ୟାଣ୍ଟିନରେ ପ୍ରତିବାଦ କରିବା, ଓଡ଼ିଶା ବନ୍ଦ ଭଳି ଅନେକ ରଣନୀତି କରି ସେ କଂଗ୍ରେସକୁ ଚଳଚଞ୍ଚଳ କରିଦେଇଥିଲେ । ପ୍ରାରମ୍ଭରେ ଦଳର ସବୁ ଆଗଧାଡ଼ିର ନେତା ଏକାଠି ବସି କଂଗ୍ରେସ ଭବନରେ ରଣନୀତି କରିବାର ଚିତ୍ର ବି ଆସୁଥିଲା । ମନେହେଉଥିଲା ୬ ଥର ହାରିବା ପରେ ଦଳର ତୁଙ୍ଗ ନେତାମାନେ ଚେତି ଯାଇଛନ୍ତି । ଆଉ 'ହାତ'ରେ ଫାଟ ସୃଷ୍ଟି ନକରି ମୁଠା କରିବାକୁ ସଂକଳ୍ପ ନେଇଛନ୍ତି । ହେଲେ ଭକ୍ତ ଦାସଙ୍କ ନେତୃତ୍ୱରେ ରାଜ୍ୟ କଂଗ୍ରେସର ଟ୍ରେଲର ହେଉକି ଟିଜର ଜମାଣିଆ ଲାଗୁଥିଲେବି ଏବେ ସ୍କ୍ରିନ ପ୍ଲେରେ ତ୍ରୁଟି ଯୋଗୁଁ କଂଗ୍ରେସ ସିନେମାଟି ମାନ୍ଦାଳିଆ ଲାଗୁଛି ।

## କାହିଁକି ମୋକିମ୍ ଖପ୍ପା ?

ପ୍ରସଙ୍ଗ ଭିତରକୁ ଯିବା ପୂର୍ବରୁ ଟିକେ ଭକ୍ତ ଓ ମୋକିମଙ୍କ ପ୍ରକରଣ ଉପରେ ନଜର ପକାଇଦେବା । ଇଂ ମହମ୍ମଦ ମୋକିମ୍, ଆଜିକା ଦିନରେ କଂଗ୍ରେସର ବିତ୍ତଶାଳୀ ନେତାଙ୍କ ମଧ୍ୟରେ ଅନ୍ୟତମ । ବାରବାଟୀ-କଟକରୁ ବାଜିମାତ୍ କରିବା ପରେ ସେ ପିସିସି ସଭାପତି ହେବାର ସ୍ୱପ୍ନ ଦେଖିଥିଲେ । କଂଗ୍ରେସ ରାଜନୀତି ସହ ଜଡ଼ିତ ପ୍ରତ୍ୟେକ ବ୍ୟକ୍ତି ଏକଥା ଜାଣନ୍ତି । ନିରଞ୍ଜନ ହଟାଅ ଅଭିଯାନ ସଫଳ ହେବା ପରେ ମୋକିମ୍ ଭାବିଥିଲେ ଏଥର ତାଙ୍କ ପାଳି ପଡ଼ିବ । ହେଲେ ହାଇକମାଣ୍ଡ ଶରତ ପଟ୍ଟନାୟକଙ୍କ ଉପରେ ଭରସା କରିଥିଲେ । ଚବିଶ ବିପର୍ଯ୍ୟୟ ପରେ ଶରତ ବି ହଟିଗଲେ । ପୁଣି ମୋକିମ୍ ଭାବିଲେ ତାଙ୍କ ପାଳି ପଡ଼ିବ । କିନ୍ତୁ ହାଇକମାଣ୍ଡ ଭକ୍ତ ଚରଣ ଦାସଙ୍କୁ ବାଛିଲେ । ଏଭଳି ଭାବେ ମୋକିମ ନିରାଶ ହୋଇଥିବା ସ୍ୱାଭାବିକ । ଶେଷରେ ତାଙ୍କୁ ଦଳରୁ ବହିଷ୍କୃତ ହେବାକୁ ପଡ଼ିଛି ।





# 'ହାତ' ଫଟାଇଦେଲା ନୂଆପଡ଼ା

ନୂଆପଡ଼ା ଉପନିର୍ବାଚନ ଥିଲା ଭକ୍ତଙ୍କ ପାଇଁ ପ୍ରଥମ ପରୀକ୍ଷା। ନିର୍ବାଚନରେ କଂଗ୍ରେସ ଦ୍ୱିତୀୟ ସ୍ଥାନରେ ରହିଛି। ନିକଟ ଅତୀତରେ ହୋଇଥିବା ଅନେକ ଉପନିର୍ବାଚନରେ କଂଗ୍ରେସ କୁଆଡ଼େ ହଜିଯାଏ। ଅତ୍ୟନ୍ତ ଲଜ୍ଜାଜନକ ଭୋଟ ପାଇବା ସହ କଂଗ୍ରେସ କର୍ମୀ ଓ ନେତା ବିକ୍ରି ହେବାର ବି ନଜିର ରହିଛି। ହେଲେ ନୂଆପଡ଼ାରେ କଂଗ୍ରେସ ହାରିଥିଲେବି ଭଲ ଭୋଟ୍ ପାଇବା ସହ ବିଜୁ ଜନତା ଦଳକୁ ତିନି ନମ୍ବରକୁ ଠେଲି ଦେଇଥିଲା। ଯାହାକି ନିଶ୍ଚିତ ଭାବେ ଭକ୍ତଙ୍କ ପାଇଁ ଆଶ୍ୱସ୍ତିର କାରଣ । ଯେଉଁଥିପାଇଁ ମୋକିମଙ୍କ 'ନୂଆପଡ଼ା' ଅଭିଯୋଗ ସେଭଳି ମାଇନା ରଖେନାହିଁ। କିନ୍ତୁ ନୂଆପଡ଼ା ଉପନିର୍ବାଚନ ବେଳଠାରୁ କଂଗ୍ରେସର ଫାଟ ପ୍ରଶସ୍ତ ହୋଇଛି ବୋଲି ସ୍ୱୀକାର କରିବାକୁ ପଡ଼ିବ। ବିଶେଷକରି ଉପକୂଳିଆ ନେତାଙ୍କୁ ନିର୍ବାଚନରେ ଆଦୌ ଗୁରୁତ୍ୱ ନମିଳିବା ଘଟଣା ଦଳରେ ଆଲୋଡ଼ନ ସୃଷ୍ଟିକରିଛି। ଖାସ୍ ସେଇଥିପାଇଁ ସୁଯୋଗ ମିଳିଲେ ପ୍ରତ୍ୟକ୍ଷ ଓ ପରୋକ୍ଷରେ ସେମାନେ ଭକ୍ତଙ୍କୁ ନିଶାନା ସାଧୁଛନ୍ତି । ଭକ୍ତଙ୍କ 'ବିଭୀଷଣ' ପ୍ରସଙ୍ଗ ବି ଦଳରେ ନିଆଁ ଲଗାଇଦେଇଛି। ମହମ୍ମଦ ମୋକିମ୍ ଓ ରମେଶ ଜେନାଙ୍କ ଭଳି ଅନେକ ନେତା ଭକ୍ତଙ୍କ ବିରୋଧରେ ଯୁଦ୍ଧଂଦେହୀ ଡାକରା ଦେଇଛନ୍ତି। ଏହାଛଡ଼ା ମିଡ଼ିଆ ସେଲ, ସୋସିଆଲ ମିଡ଼ିଆ ସେଲ୍ ଓ ସାଂଗଠନିକ କ୍ଷେତ୍ରରେ ପଦପଦବୀ ବଣ୍ଟନ ବେଳେ ଅନେକ କୋଣଠେସା ଭଳି ନିଜକୁ ମନେକରୁଛନ୍ତି। ସେଥିପାଇଁ ସେମାନଙ୍କ ମନ ବି ଭାଙ୍ଗିଯାଇଛି। ଏମିତିକି ଭକ୍ତଙ୍କୁ ନେଇ ଖୁସିଥିବା ଅନେକ ଯୁବ, ଛାତ୍ର ଓ ବରିଷ୍ଠ ନେତାମାନେ ଭକ୍ତଙ୍କ ବିରୋଧରେ କିଛି କଥା ଶୁଣିଲେ ମନେମନେ ଖୁସି ହୋଇଯାଉଥିବା ଲକ୍ଷ୍ୟ କରାଯାଉଛି ।

## ଯୁବ କଂଗ୍ରେସ ସଭାପତିଙ୍କୁ ହଜାଇଦେଲେ

ରାହୁଲ ଗାନ୍ଧୀଙ୍କ ରଣନୀତି ଅନୁସାରେ ଯୁବ କଂଗ୍ରେସର ସଭାପତି ଆଉ ମନୋନୀତ ନୁହଁନ୍ତି, ସେ ନିର୍ବାଚିତ। ଯୁବ କଂଗ୍ରେସ ନିର୍ବାଚନରେ ରଞ୍ଜିତ ପାତ୍ର, ଭକ୍ତଙ୍କ ପୁଅ ତଥା ଏବେର ଭବାନୀପାଟଣା ବିଧାୟକ ସାଗର ଚରଣ ଦାସ ଓ କୃଷ୍ଣ ମହାନ୍ତି ସଭାପତି ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ନିର୍ବାଚନରେ ରଞ୍ଜିତଙ୍କୁ ୫୦୬୨୮ ଭୋଟ୍ ମିଳିଥିବାବେଳେ ସାଗରଙ୍କୁ ୪୫୬୦୬ ଓ କୃଷ୍ଣଙ୍କୁ ୩୨୮୫୨ ଖଣ୍ଡ ଭୋଟ୍ ମିଳିଥିଲା। ଅବଶ୍ୟ ଭକ୍ତଙ୍କ ପୁଅଙ୍କୁ ହରାଇବା ପାଇଁ ଆଜିକା ଦିନରେ ଭକ୍ତଙ୍କ ସହ ନସରପସର ହେଉଥିବା ଅନେକ ବରିଷ୍ଠ ନେତା ଗୋଟିଚାଳନା କରିଥିଲେ। ତେବେ ସେ ଯାହାହେଉନା କାହିଁକି ଯୋ ଜିତା ୱ ସିକନ୍ଦର ନ୍ୟାୟରେ ରଞ୍ଜିତ ଏବେ ଯୁବ କଂଗ୍ରେସ ସଭାପତି। ହେଲେ ସାଗରଙ୍କ ବାପା ଭକ୍ତ ଏବେ ପିସିସି ସଭାପତି ହୋଇଥିବାରୁ ରଞ୍ଜିତଙ୍କୁ ଗୁରୁତ୍ୱ ମିଳୁନାହିଁ। ଯାହାକି ଆଦୌ ଠିକ୍ ନୁହେଁ। ଏମିତି ହେଲେ କଂଗ୍ରେସ କ'ଣ ମଜବୁତ୍ ହୋଇପାରିବ ?

## ପଞ୍ଚାୟତ ଓ ପୌର ନିର୍ବାଚନ ଯାଏଁ ଭକ୍ତ



୨୦୦୦ରୁ ଅନେକ ନେତା ପିସିସିର ମଙ୍ଗ ଧରିଛନ୍ତି। ଜାନକୀ ବଲ୍ଲଭ ପଟ୍ଟନାୟକ, ଗିରିଧର ଗମାଙ୍ଗ, ଜୟଦେବ ଜେନା, ନିରଞ୍ଜନ ପଟ୍ଟନାୟକ, ପ୍ରସାଦ ହରିଚନ୍ଦନ, ଶରତ ପଟ୍ଟନାୟକଙ୍କ ଠାରୁ ନେଇ ଭକ୍ତଚରଣ ଦାସଙ୍କ ପର୍ଯ୍ୟନ୍ତ ରାଜ୍ୟ କଂଗ୍ରେସ ସମ୍ଭାଳିଛନ୍ତି। ହେଲେ ଜାନକୀବାବୁଙ୍କୁ ଛାଡ଼ିଦେଲେ ଅନ୍ୟନେତାମାନେ ସେଭଳି ସଫଳତା ହାସଲ କରିପାରିନାହାନ୍ତି । ବରଂ ଦଳ ଦିନକୁ ଦିନ ତଳକୁ ଖସିବାରେ ଲାଗିଛି। ୨୦୦୦ରେ ଦଳ ମାତ୍ର ୭ ଆସନରେ ଅମାନତ ହରାଇଥିବାବେଳେ ଏବେ ଦଳର ଅମାନତ ହରାଇଥିବା ଆସନ ସଂଖ୍ୟା ୧୦୦ ଟପିଗଲାଣି। ଏସବୁ ଭିତରେ ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି, ୨୦୧୭ ପୂର୍ବରୁ କଂଗ୍ରେସ ପଞ୍ଚାୟତମାନଙ୍କରେ ବିଜେଡ଼ି ସହ କଡ଼ା ଟକ୍କର ଦେଉଥିଲା। ତେବେ ୨୦୧୭ ଓ ୨୦୨୨ରେ ବିଜେଡ଼ି ଓ ବିଜେପି ପ୍ରଥମ ଦୁଇ ସ୍ଥାନରେ ଥିବାବେଳେ କଂଗ୍ରେସ ତୃତୀୟସ୍ଥାନକୁ ଠେଲି ହୋଇଯାଇଥିଲା। ଆଗାମୀ ଦିନରେ ପଞ୍ଚାୟତ ରାଜନୀତି ବଦଳିବାକୁ ଯାଉଛି। ବିଜେପି ଓ ବିଜେଡ଼ି ମଧ୍ୟରେ ଲଢ଼େଇ ହେବାର ଥିବାବେଳେ ସରପଞ୍ଚ ଓ ସମିତିସଭ୍ୟ ନିର୍ବାଚନରେ କଂଗ୍ରେସ ବିଜେଡ଼ି ସହ ସେଟିଂ କରି ଭଲ ସଫଳତା ହାସଲ କରିବାର ସମ୍ଭାବନା ବି ରହିଛି। ବାରମ୍ବାର ପିସିସି ସଭାପତି ବଦଳାଇଲେ କଂଗ୍ରେସର ଭାଗ୍ୟ ଭବିଷ୍ୟତ ବଦଳିବ ନାହିଁ । ଯଦି ଭକ୍ତ ଦାସଙ୍କ ବିରୋଧରେ ବରିଷ୍ଠ ନେତା ଅସନ୍ତୁଷ୍ଟ ଅଛନ୍ତି ସେମାନେ ରାଜ୍ୟ ରାଜନୀତି ଅପେକ୍ଷା ନିଜ ନିର୍ବାଚନମଣ୍ଡଳୀ ବା ଜିଲ୍ଲାରେ ଫୋକସ କଲେ ଭଲ ହୁଅନ୍ତା। ଭକ୍ତଙ୍କୁ ପଞ୍ଚାୟତ ଓ ପୌର ନିର୍ବାଚନ ପର୍ଯ୍ୟନ୍ତ ବିରୋଧ ନକଲେ କଂଗ୍ରେସ ପାଇଁ ଶୁଭଙ୍କର । ଯଦି ଭକ୍ତ ସେଇ ପରୀକ୍ଷାରେ ଭଲ ସ୍କୋର ନକରିବେ ସେ ନିଜ ଆଡୁ ଇସ୍ତଫା ଦେଲେ ଆଶ୍ଚର୍ଯ୍ୟ ହେବାର ନାହିଁ ।



# ଆଉ ଏକ ଆଞ୍ଚଳିକ ଦଳ ଅପେକ୍ଷାରେ

**ରାଜନୀତି କଡ଼ ଲେଉଟାଇଲେ ନୂଆ ଦଳ ହୁଏ। ଚଳେଇ ପାରିଲେ ଚାଲେ, ନହେଲେ ହଜିଯାଏ। ଏମିତି ଓଡ଼ିଶା ରାଜନୀତିରେ ଅନେକ ଦଳ ଗଢ଼ାହୋଇଛି। କିଛି ସଫଳତା ସାଉଁଟିଛନ୍ତି, ଆଉ କିଛି ଯେମିତି ଗଢ଼ା ହୋଇଥିଲେ, ସେମିତି ବିସର୍ଜନ ହୋଇ ଯାଇଛନ୍ତି। ଏବେ ଓଡ଼ିଶା ରାଜନୀତିକୁ ନେଇ ଅନେକ ଆଶା, ଆଶଙ୍କା, ଦ୍ୱନ୍ଦ୍ୱ ଲାଗିରହିଛି। ସେଥିପାଇଁ ଥୋକେ ନେତା ଆଞ୍ଚଳିକ ଦଳ ଗଠନ ପାଇଁ ଅଙ୍କ କଷୁଛନ୍ତି...**


ସାଗର ଶତପଥୀ, ସମ୍ପାଦକ, The News Insight

ବର୍ତ୍ତମାନ ପରିସ୍ଥିତିରେ ଓଡ଼ିଶାର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏକ ଆଞ୍ଚଳିକ ଦଳର ନିତାନ୍ତ ଆବଶ୍ୟକତା ରହିଛି। ୨୦୨୪ ସାଧାରଣ ନିର୍ବାଚନରେ ୨୪ ବର୍ଷ ଶାସନ କରି ବିଜୁ ଜନତା ଦଳ କ୍ଷମତା ହରାଇଥିବା ବେଳେ ବିଜେପି ଓଡ଼ିଶାର ଶାସନ ଭାର ନେଇଛି। ହେଲେ ବିଜେପି ଓ କଂଗ୍ରେସ ଜାତୀୟ ଦଳ ହୋଇଥିବାରୁ ସେମାନଙ୍କ ନିଷ୍ପତ୍ତି ଜାତୀୟ ସ୍ତରରେ ନିରୂପଣ ହୋଇଥାଏ। କିନ୍ତୁ ଆଞ୍ଚଳିକ ଦଳ ରାଜ୍ୟର ସ୍ୱାର୍ଥ ପାଇଁ ଲଢ଼େଇ କରିବାର ଦମ୍ଭ ରଖିଥାଏ।

ଏଭଳି ଆଲୋଚନା ଏବେକାର ନୁହେଁ, ଏହା ବର୍ଷ ବର୍ଷ ତଳେ ଜନ୍ମ ନେଇଥିଲା। ପଶ୍ଚିମ ଓଡିଶା ର ଦୁଇ ରାଜା ଡଃ ରାଜେନ୍ଦ୍ର ନାରାୟଣ ସିଂ ଦେଓ ଓ ପ୍ରତାପ କେଶରୀ ଦେଓ ଆରମ୍ଭ କରିଥିଲେ ଗଣତନ୍ତ୍ର ପରିଷଦ। ୧୯୫୨, ୧୯୫୭ ଓ ୧୯୬୨ ନିର୍ବାଚନ ରେ ଭଲ ସଫଳତା ଲାଭ କରିଥିଲା ଏହି ଦଳ। କେବଳ ପଶ୍ଚିମ ଓଡିଶା, ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ଏହା ଏକ ଲୋକପ୍ରିୟ ଦଳ ହିସାବରେ ଖ୍ୟାତି ଲାଭ କରିଥିଲା, କିନ୍ତୁ ୧୯୫୯ ରେ କଂଗ୍ରେସ ସହ ଗଠବନ୍ଧନ ଓ ୧୯୬୧ ରେ ଜାତୀୟ ଦଳ ସ୍ୱତନ୍ତ୍ର ପାର୍ଟିରେ ବିଲୟ, ଗଣତନ୍ତ୍ର ପରିଷଦକୁ ସମ୍ପୂର୍ଣ୍ଣ ଭାବେ ନିଶ୍ଚିହ୍ନ କରି ଦେଇଥିଲା ।


ଏହାପରେ ୧୯୬୬ ମସିହାରେ ଆସିଥିଲା ଡଃ ହରେକୃଷ୍ଣ ମହତାବଙ୍କ ଜନ କଂଗ୍ରେସ। କଂଗ୍ରେସରେ ସୃଷ୍ଟି ହୋଇଥିବା ଗୋଷ୍ଠୀକନ୍ଦଳର ପରିଣାମ ଥିଲା ଜନ କଂଗ୍ରେସ । ସ୍ୱତନ୍ତ୍ର ପାର୍ଟି ସହ ମିଶି କଂଗ୍ରେସକୁ କିଛି ସମୟ ପାଇଁ ରୋକିବାରେ ମଧ୍ୟ ସମର୍ଥ ହୋଇଥିଲା ଏହି ଦଳ। କିନ୍ତୁ ସମ୍ପୂର୍ଣ୍ଣ ରୂପେ ଆଞ୍ଚଳିକ ଦଳ ରୂପେ ଏକ ସ୍ୱତନ୍ତ୍ର ପରିଚୟ ପାଇବାରେ ଏହା ସେତେମାତ୍ରାରେ ସଫଳ ହୋଇ ପାରିନଥିଲା । ଏହାର ପ୍ରମୁଖ କାରଣ ଥିଲା ଏହାର କଂଗ୍ରେସ ବିରୋଧ ଅଭିଯାନ ଓ ଜାତୀୟ ଦଳ ସହ ଗଠବନ୍ଧନ । ୧୯୭୧ ଓ ୧୯୭୪

ନିର୍ବାଚନରେ ଶୋଚନୀୟ ପରାଜୟ ପରେ ୧୯୭୭ରେ ଜନ କଂଗ୍ରେସର ବିଲୟ ଘଟିଥିଲା ଜନତା ପାର୍ଟିରେ। ଆଉ ଏକ ଆଞ୍ଚଳିକ ଦଳର ପତନ ଦେଖିଥିଲା ଓଡିଶା ।




୧୯୬୯ ମସିହାରେ କଂଗ୍ରେସରୁ ଇସ୍ତଫା ଦେଇ ଉତ୍କଳ କଂଗ୍ରେସ ଗଢିଥିଲେ ବରିଷ୍ଠ ନେତା ବିଜୁ ପଟ୍ଟନାୟକ। କିନ୍ତୁ ସେ ସଫଳ ହୋଇ ପାରିନଥିଲେ। ୧୯୭୪ରେ ଉତ୍କଳ କଂଗ୍ରେସ ବିଲୀନ ହୋଇଥିଲା ପ୍ରଗତି ଦଳରେ ଯାହାର ପରବର୍ତ୍ତୀ ସମୟରେ ବିଲୟ ଘଟିଥିଲା ଜାତୀୟ ଦଳ ଭାରତୀୟ ଲୋକ ଦଳରେ।


ପ୍ରବାଦ ପୁରୁଷ ତଥା ଜନନାୟକ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ମୃତ୍ୟୁ ପରେ ଜନତା ଦଳର ଅନେକ ବରିଷ୍ଠ ନେତା ଚାହୁଁଥିଲେ ବିଜେପି ସହ ମିଶି ଦଳକୁ ମଜଭୁତ କରି କଂଗ୍ରେସ ସହ ଲଢେଇ କରିବାକୁ । ହେଲେ ଅନ୍ୟ କିଛି ନେତା ଚାହୁଁଥିଲେ କି ବିଜେପି ଭଳି ଜାତୀୟ ଦଳ ସହ ନମିଶି ଆଞ୍ଚଳିକ ଦଳ ଗଠନ କରିବା ପାଇଁ । ଜାତୀୟ ସ୍ତରର ବରିଷ୍ଠ ବିଜେପି ନେତାଙ୍କ ମତାମତ ମଧ୍ୟ ଆଞ୍ଚଳିକ ଦଳ ଗଠନ ସପକ୍ଷରେ ଥିଲା ।



ସେହି ସମୟରେ ଗଠନ ହୋଇଥିବା ବିଜୁ ଜନତା ଦଳ ରୁ ବହୁତ ଆଗକୁ ଯାଇଥିଲା ଓ ଜନାଦୃତ ହୋଇଥିଲା । କିନ୍ତୁ ଦୁର୍ଭାଗ୍ୟ ବଶତଃ, ଦୀର୍ଘ ୨୪ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ଶାସନ କରିବା ପରେ ମଧ୍ୟ ଦଳର ନେତା ନବୀନ ପଟ୍ଟନାୟକ ନେତା ଚୟନରେ ପଛରେ ପଡିଯାଇଛନ୍ତି । ସବୁ ଅଞ୍ଚଳରେ ନେତା ଚୟନରେ ଗୋଟିଏ ପରିବାରକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ସେହି କିଛି ଲୋକଙ୍କୁ ଛାଡିଦେଲେ ଆଉ କିଛି ବିକଳ୍ପ ନାହିଁ । ନବୀନ ପଟ୍ଟନାୟକଙ୍କ ସବୁଠୁ ବଡ ଭୁଲ ଥିଲା ଏକ ଉତ୍ତରାଧିକାରୀ ଚୟନ ନ କରିବା, ଯାହା ଫଳରେ କ୍ଷମତାରୁ ଯିବା ପରେ ଲୋକ ଓ କର୍ମୀଙ୍କ ବିଶ୍ୱାସ ହରେଇବାରେ ଲାଗିଛି ବିଜେଡି।



ସଦ୍ୟସମାପ୍ତ ନୂଆପଡା ଉପନିର୍ବାଚନ ଏହାର ଏକ ଜ୍ୱଳନ୍ତ ଉଦାହରଣ । ବିଜେଡିରୁ ତିନି ତିନି ଥରର ବିଧାୟକ ହୋଇଥିବା ବରିଷ୍ଠ ନେତା ରାଜେନ୍ଦ୍ର ଢୋଲକିଆଙ୍କ ମୃତ୍ୟୁ ପରେ ରାଜନୀତି ବିଷୟରେ ସମ୍ପୂର୍ଣ୍ଣ ଅଜ୍ଞ ତାଙ୍କ ପୁଅ ଜୟ ଢୋଲକିଆଙ୍କ ବ୍ୟତୀତ ବିଜେଡି ପାଖରେ ଆଉ ପ୍ରାର୍ଥୀ ନଥିଲେ । ହେଲେ ଜୟ ବିଜେପିରେ ମିଶିବା ପରେ ବିଜେଡିର ଏତେ ଦୟନୀୟ ଅବସ୍ଥା ହେଲା ଯେ ଶେଷରେ ଅନ୍ୟ ନିର୍ବାଚନ ମଣ୍ଡଳୀରୁ ସ୍ନେହାଙ୍ଗିନୀ ଛୁରିଆଙ୍କୁ ପ୍ରାର୍ଥୀ କରିବାକୁ ବାଧ୍ୟ ହୋଇଥିଲା । ଫଳରେ ବିଜେଡିକୁ ଶୋଚନୀୟ ପରାଜୟ ଦେଖିବାକୁ ମିଳିଥିଲା । ଏପରିକି ନବୀନ ବାବୁ ନିର୍ବାଚନ ମଇଦାନକୁ ଯାଇଥିଲେ ମଧ୍ୟ କିଛି ପ୍ରଭାବ ପଡ଼ିନଥିଲା ।



ଆଞ୍ଚଳିକ ଦଳ ପ୍ରାୟତଃ ବ୍ୟକ୍ତିକୈନ୍ଦ୍ରିକ ହୋଇଥାଏ, ପରିବାରକୁ ନେଇ ଗଠନ ହେବାର ନଜିର ବି ରହିଛି । କିନ୍ତୁ ଗୋଟିଏ ଦଳ ଏକମାତ୍ର ନେତା ଉପରେ ଭରସା କରି ଆଗକୁ ବଢିବା ସମ୍ଭାବନା କମ ହୋଇଥାଏ। ନେତୃତ୍ୱ ନେବାପାଇଁ ସଦା ସର୍ବଦା ନେତା ତିଆରି କରିବା ଆବଶ୍ୟକ ହୋଇଥାଏ, ଯଦି ନିଜ ପରିବାରରେ କେହି ନଥାନ୍ତି। ନୀତିଶ କୁମାରଙ୍କ ଜେଡିୟୁରେ ଏପରି ଅନେକ ନେତା ଅଛନ୍ତି ଯେଉଁମାନେ ତାଙ୍କ ପରେ ଦଳକୁ ଆଗକୁ ନେଇ ପାରିବେ, କିନ୍ତୁ ବିଜେଡିରେ କିଏ? ଏହା ଏକ ଅସମାହିତ ପ୍ରଶ୍ନ ଯାହା ସମସ୍ତ ବିଜେଡି ନେତା ଓ କର୍ମୀ ଭୟ ଓ ଆଶଙ୍କା ମଧ୍ୟକୁ ଠେଲି ଦେଇଛି ।

ବିଜେପି ଓ କଂଗ୍ରେସ ଭଳି ଜାତୀୟ ଦଳ ବିରୁଦ୍ଧରେ କୌଣସି ମନ୍ତବ୍ୟ ଦେବାର ଆବଶ୍ୟକତା ମନେ ହୁଏ ନାହିଁ। ସେମାନଙ୍କର ପ୍ରତିଟି ପଦକ୍ଷେପ ଦିଲ୍ଲୀରୁ ହିଁ ନିର୍ଦ୍ଦେଶିତ ଓ ନିରୂପିତ ରହିବା ସ୍ୱାଭାବିକ। କିନ୍ତୁ ବିଜେଡି ଏକ ଆଞ୍ଚଳିକ ଦଳ ଭଳି ମନେ ହେଉନାହିଁ କି ତା' ଉପରେ ମଧ୍ୟ ଲୋକେ ଆଉ ଭରସା କରିପାରୁନାହାନ୍ତି। ବର୍ତ୍ତମାନ ସ୍ଥିତିରେ ବିଜେଡିଠାରୁ କଂଗ୍ରେସର ଆଧିପତ୍ୟ ଓ ସକ୍ରିୟତା ଅଧିକ ମନେ ହେଉଛି। ବିଜେଡିର ୫୦ ବିଧାୟକ ଥିବା ବେଳେ କଂଗ୍ରେସର ୧୪ ବିଧାୟକ ଥାଇ ମଧ୍ୟ ବାସ୍ତବରେ କଂଗ୍ରେସ ଅଧିକ ଶକ୍ତ ମନେ ହେଉଛି।

ଅନ୍ୟ ଏକ ଆଞ୍ଚଳିକ ଦଳ ଦରକାର ବୋଲି ବିଜୁ ଜନତା ଦଳ ମଧ୍ୟରେ ମଧ୍ୟ ଛକାପଞ୍ଝା ଆରମ୍ଭ ହୋଇଗଲାଣି। ଓଡ଼ିଶାର ବହୁ ପୁରୁଖା ନେତା ଥିଲେ ଯେଉଁମାନେ ଆଞ୍ଚଳିକ ଦଳ ଗଠନ ପାଇଁ ଚେଷ୍ଟା କରିଥିଲେ । କିନ୍ତୁ ସେମାନେ ନିଜର ସ୍ୱାର୍ଥପର ମନୋବୃତ୍ତି, ଦଳବଦଳ ଓ ସୁବିଧାବାଦୀ ଚିନ୍ତାଧାରା ଯୋଗୁଁ ଲୋକଙ୍କ ବିଶ୍ୱାସ ହରାଇଛନ୍ତି । ୨୦୧୦ ମସିହାରେ ବିଜୟ ମହାପାତ୍ର ଆରମ୍ଭ କରିଥିଲେ ଓଡିଶା ଗଣ ପରିଷଦ, କିନ୍ତୁ ନେତୃତ୍ୱ କନ୍ଦଳ ଓ କଂଗ୍ରେସ ସହ ଗଠବନ୍ଧନ ଦଳକୁ ପଛକୁ ଠେଲି ଦେଇଥିଲା। ଶେଷରେ ଏହାର ବିଲୟ ଘଟିଥିଲା ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟିରେ।

୨୦୧୦ ମସିହାରେ ଖାରବେଳ ସ୍ୱାଇଁ ଗଠନ କରିଥିଲେ ଉତ୍କଳ ଭାରତ, କିନ୍ତୁ ଅର୍ଥ ସମସ୍ୟା ତଥା ସ୍ୱଷ୍ଟତା ର ଅଭାବ ପାଇଁ ସେ କିଛି ସଫଳତା ହାସଲ କରି ପାରିନଥିଲେ। ଶେଷରେ ସେ ୨୦୧୪ ରେ ସୌମ୍ୟ ରଞ୍ଜନ ପଟ୍ଟନାୟକଙ୍କ ଆମ ଓଡିଶା ପାର୍ଟିର ଚିହ୍ନରେ ଲଢ଼ି ଏହାକୁ ସମାପ୍ତ କରି ଦେଇଥିଲେ । ୨୦୧୩ ରେ ଆଉ ତିନୋଟି ଆଞ୍ଚଳିକ ଦଳ ଜନ୍ମ ନେଇଥିଲେ - ସୌମ୍ୟ ବାବୁଙ୍କ 'ଆମ ଓଡିଶା ପାର୍ଟି', ପ୍ୟାରୀ ମହାପାତ୍ରଙ୍କ 'ଓଡିଶା ଜନ ମୋର୍ଚ୍ଚା' ଏବଂ ବ୍ରଜ ତ୍ରିପାଠୀଙ୍କ 'ସମତା କ୍ରାନ୍ତି ଦଳ' । କିନ୍ତୁ ଜାତୀୟ ଦଳ ବିଜେପି ଉପରେ ନିର୍ଭରତା ଓ ରାଜ୍ୟ ହିତ ଅପେକ୍ଷା ସ୍ୱହିତ ଉପରେ ଅଧିକ ଗୁରୁତ୍ୱ ତଥା ଏମାନଙ୍କ ବିଶ୍ୱସନୀୟତା ଉପରେ ପ୍ରଶ୍ନବାଚୀ ଏମାନଙ୍କୁ ସଫଳ ହେବାକୁ ଦେଇ ନଥିଲା। ୨୦୧୪ ନିର୍ବାଚନ

**ପ୍ରବାଦ ପୁରୁଷ ତଥା ଜନନାୟକ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ମୃତ୍ୟୁ ପରେ ଜନତା ଦଳର ଅନେକ ବରିଷ୍ଠ ନେତା ଚାହୁଁଥିଲେ ବିଜେପି ସହ ମିଶି ଦଳକୁ ମଜଭୁତ କରି କଂଗ୍ରେସ ସହ ଲଢେଇ କରିବାକୁ । ହେଲେ ଅନ୍ୟ କିଛି ନେତା ଚାହୁଁଥିଲେ କି ବିଜେପି ଭଳି ଜାତୀୟ ଦଳ ସହ ନମିଶି ଆଞ୍ଚଳିକ ଦଳ ଗଠନ କରିବା ପାଇଁ । ଜାତୀୟ ସ୍ତରର ବରିଷ୍ଠ ବିଜେପି ନେତାଙ୍କ ମତାମତ ମଧ୍ୟ ଆଞ୍ଚଳିକ ଦଳ ଗଠନ ସପକ୍ଷରେ ଥିଲା ।**

| | |
|---|---|
| ଗଣତନ୍ତ୍ର ପରିଷଦ | ୧୯୪୮ |
| ଜନ କଂଗ୍ରେସ | ୧୯୬୬ |
| ଉତ୍କଳ କଂଗ୍ରେସ | ୧୯୬୯ |
| ବିଜୁ ଜନତା ଦଳ | ୧୯୯୭ |
| ଓଡ଼ିଶା ଗଣ ପରିଷଦ | ୨୦୦୦ |
| ଉତ୍କଳ ଭାରତ | ୨୦୧୦ |
| ଆମ ଓଡ଼ିଶା ପାର୍ଟି | ୨୦୧୩ |
| ଓଡ଼ିଶା ଜନମୋର୍ଚ୍ଚା | ୨୦୧୩ |
| ସମତା କ୍ରାନ୍ତି ଦଳ | ୨୦୧୩ |

ସମୟରେ ପ୍ରତିଶ୍ରୁତି ଦେଇ ମଧ୍ୟ ବିଜେପି ଏମାନଙ୍କ ସହ ମହାମେଣ୍ଟ କରିବାକୁ ପଛଘୁଞ୍ଚା ଦେଇଥିଲା ଯାହା କି ଏମାନଙ୍କୁ ଲକ୍ଷ୍ୟଭ୍ରଷ୍ଟ ଓ ନିରୁତ୍ସାହିତ କରିଦେଇଥିଲା । ପରବର୍ତ୍ତୀ ସମୟରେ ଖାରବେଳ ସ୍ୱାଇଁ ବିଜେପିକୁ ପ୍ରତ୍ୟାବର୍ତ୍ତନ କରିଥିଲେ ଓ ସୌମ୍ୟ ବାବୁ ବିଜେଡିରେ ଯୋଗ ଦେଇଥିଲେ ।

ଏହା ନିରାଟ ସତ୍ୟ ଯେ ଏକ ମଜବୁତ ଆଞ୍ଚଳିକ ଦଳ ନଥିଲେ ରାଜ୍ୟବାସୀଙ୍କ ବିକାଶରେ ବାଧା ଉପୁଜିବ । ଏହାର ଅନେକ ଉଦାହରଣ ନିଆଯାଇପାରେ । ଆନ୍ଧ୍ରପ୍ରଦେଶରେ ପୋଲାଭରମ କେସ ହେଉ ବା ଛତିଶଗଡ଼ରେ ମହାନଦୀ ଜଳ ବିବାଦକୁ ନେଇ ବିଜେପି ସରକାର ଓଡ଼ିଶାବାସୀଙ୍କ ସ୍ୱାର୍ଥ ପାଇଁ କେମିତି ଲଢ଼ିବ ? ସେଥିପାଇଁ ତାଙ୍କୁ ବୁଝାମଣା କରିବାକୁ ପଡିବ । ହେଲେ ଏ କ୍ଷେତ୍ରରେ ଏକ ଆଞ୍ଚଳିକ ଦଳ ସଂଘର୍ଷ ଓ ସଂଗ୍ରାମ କରିପାରିବ ।

ଅତୀତରେ ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, ତେଲେଙ୍ଗାନା, ବିହାର ଓ ଉତ୍ତରପ୍ରଦେଶ ଭଳି ରାଜ୍ୟରେ ଆଞ୍ଚଳିକ ଦଳମାନେ ରାଜ୍ୟର ସ୍ୱାର୍ଥ ପାଇଁ ଜୋରଦାର ଲଢେଇ କରି ଆସିଛନ୍ତି । ସେହିଭଳି ଓଡ଼ିଶାର ବିକାଶ, ସୁରକ୍ଷା ଓ ସ୍ୱାର୍ଥ ପାଇଁ ଏକ ସଶକ୍ତ ଆଞ୍ଚଳିକ ଦଳର ଆବଶ୍ୟକତା ରହିଛି । ବର୍ତ୍ତମାନ ପରିସ୍ଥିତିରେ କିଛି ବିରାଟ ପରିବର୍ତ୍ତନ ହୋଇଯିବ ବୋଲି ଆଶା ନାହିଁ । କିନ୍ତୁ ଦେଖାଯାଉ ସମୟର ସ୍ରୋତ କୁଆଡେ ଯାଉଛି ଓ ରାଜ୍ୟର ଭବିଷ୍ୟତ କଣ ହେଉଛି ।

# ଆଞ୍ଚଳିକ ଦଳ

**ଅତୀତରେ ଓଡ଼ିଶାରେ ଅନେକ ଆଞ୍ଚଳିକ ଦଳ ଗଢ଼ା ହୋଇଛି କିନ୍ତୁ କୌଣସି ସକରାତ୍ମକ ଆଭିମୁଖ୍ୟ ନଥାଇ କେବଳ ମୂଳ ଦଳକୁ ହରାଇବା ଉଦ୍ଦେଶ୍ୟରେ ଅନେକ ଆଞ୍ଚଳିକ ଦଳ ଗଢ଼ାଯାଇଥିବାରୁ ସେଗୁଡ଼ିକ ସଫଳ ହୋଇନାହାନ୍ତି ।**

## ନ୍ୟାସନାଲ ପାର୍ଟି

ସ୍ୱାଧିନତା ପୂର୍ବରୁ ପାରଳାଖେମୁଣ୍ଡି ମହାରାଜା ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ 'ନ୍ୟାସନାଲ ପାର୍ଟି' ନାମରେ ଗୋଟିଏ ଆଞ୍ଚଳିକ ଦଳ ଗଢ଼ିଥିଲେ । ୧୯୩୭ରେ ନ୍ୟାସନାଲ ପାର୍ଟି ନିର୍ବାଚନ ଲଢ଼ି ୪ଟି ଆସନ ଜିତି ଥିଲା । କିନ୍ତୁ କେତେକ ନୀତିଗତ ନିଷ୍ପତ୍ତିକୁ ବିରୋଧ କରି ସଂଖ୍ୟାଗରିଷ୍ଠ କଂଗ୍ରେସ ଦଳ ସରକାର ଗଠନ ନକରିବାରୁ ଇଂରେଜ ସରକାରଙ୍କ ସହଯୋଗରେ ପାରଳାମହାରାଜାଙ୍କ ନେତୃତ୍ୱରେ ନ୍ୟାସନାଲ ପାର୍ଟି ସଂଖ୍ୟାଲଘୁ ସରକାର ଗଠନ କରିବାକୁ ସକ୍ଷମ ହୋଇଥିଲେ ।

## ୟୁନାଇଟେଡ୍ ପାର୍ଟି

ସ୍ୱତନ୍ତ୍ର ଓଡ଼ିଶା ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା କନିକା ରାଜା, ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ ମଧ୍ୟ 'ୟୁନାଇଟେଡ୍ ପାର୍ଟି' ନାମରେ ଏକ ଆଞ୍ଚଳିକ ଦଳ ଗଢ଼ିଥିଲେ । ୧୯୩୭ ନିର୍ବାଚନରେ ତାଙ୍କ ୟୁନାଇଟେଡ୍ ପାର୍ଟିରୁ ୩୨ ଜଣ ପ୍ରାର୍ଥୀ ନିର୍ବାଚନ ଲଢ଼ିଥିଲେ ଓ ସେମାନଙ୍କ ମଧ୍ୟରୁ ୬ ଜଣ ଜିତିଥିଲେ । ସେ ପାରଳା ମହାରାଜାଙ୍କୁ ସରକାର ଗଠନ କରିବାରେ ସହାୟତା କରିଥିଲେ ।

## ଇଣ୍ଡିପେଣ୍ଡେଣ୍ଟ ପାର୍ଟି

ଓଡ଼ିଶା ରାଜନୀତିର ଆଉଜଣେ ଦିଗ୍‌ଗଜ ବ୍ୟକ୍ତି ଖଲ୍ଲିକୋଟ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ 'ଇଣ୍ଡିପେଣ୍ଡେଣ୍ଟ ପାର୍ଟି' ନାମରେ ଗୋଟିଏ ଦଳ ଗଢ଼ିଥିଲେ । ତାଙ୍କ ଦଳ ମଧ୍ୟ ୧୯୩୭ ମସିହାରେ ହୋଇଥିବା ନିର୍ବାଚନରେ ଅଂଶଗ୍ରହଣ କରିଥିଲା ଓ ୬ଟି ଆସନ ଜିତିଥିଲା । ସେ ମଧ୍ୟ ପାରଳାମହାରାଜାଙ୍କ ନେତୃତ୍ୱରେ ନ୍ୟାସନାଲ ପାର୍ଟିକୁ ସଂଖ୍ୟାଲଘୁ ସରକାର ଗଠନ କରିବାରେ ସହାୟତା କରିଥିଲେ ।

## ଗଣତନ୍ତ୍ର ପରିଷଦ

ଅତୀତରେ ଗଢ଼ିଉଠିଥିବା ଆଞ୍ଚଳିକ ରାଜନୈତିକ ଦଳଗୁଡ଼ିକ ମଧ୍ୟ ସବୁଠାରୁ ସଫଳ ଦଳ ଥିଲା ଗଣତନ୍ତ୍ର ପରିଷଦ । ହରେକୃଷ୍ଣ ମହତାବଙ୍କ ନେତୃତ୍ୱରେ ମହାନଦୀ ଉପରେ ବହୁମୁଖୀ ନଦୀବନ୍ଧ ଯୋଜନା କୁ ଓଡ଼ିଶାରେ ଅନେକ ଲୋକ ବିରୋଧ କରିଥିଲେ ସେତେବେଳେ କଂଗ୍ରେସ ସରକାରଙ୍କ ବିରୋଧରେ ଯେଉଁ ଜନମତ ସୃଷ୍ଟି ହୋଇଥିଲା ତାହାକୁ ସଙ୍ଗଠିତ କରିବା ପାଇଁ ପାଟଣା ମହାରାଜା ରାଜେନ୍ଦ୍ର ନାରାୟଣ ଓ କଳାହାଣ୍ଡି ମହାରାଜା ପ୍ରତାପ କେଶରୀ ଦେଓ 'କୋଶଳ-ଉତ୍କଳ ପ୍ରଜା ପରିଷଦ' ନାମରେ ସଙ୍ଗଠନ ଗଢ଼ିଥିଲେ । ୧୯୪୮ ଅକ୍ଟୋବରରେ ଏହି ସଙ୍ଗଠନ 'ଗଣତନ୍ତ୍ର ପରିଷଦ'ନାମକ ରାଜନୈତିକ ଦଳରେ ରୂପାନ୍ତରିତ ହୋଇଥିଲା । ଯାହାର ପ୍ରଭାବ ମୁଖ୍ୟତଃ ରାଜ୍ୟର ଗଡଜାତ ଅଞ୍ଚଳରେ ରହିଥିଲା । ନିର୍ବାଚନରେ ୫୮ଟି ଆସନରେ ଲଢ଼ି ୩୧ଟି ଆସନ ଜିତିଥିଲା ଗଣତନ୍ତ୍ର ପରିଷଦ । ଲୋକସଭା ନିର୍ବାଚନରେ ବି ଦଳ ୫ଟି ଆସନରେ ଜିତିଥିଲା । ସେହିଭଳି ୧୯୫୭ ନିର୍ବାଚନରେ କଂଗ୍ରେସ ୫୭ଟି ସିଟ୍ ପାଇଲାବେଳେ ଗଣତନ୍ତ୍ର ପରିଷଦ ୫୨ଟି ଆସନରେ ବିଜୟ ଲାଭ କରିଥିଲା ।

୧୯୬୨ ମାର୍ଚ୍ଚ ମାସରେ ହୋଇଥିବା ନିର୍ବାଚନରେ ଦଳର ଆସନ ସଂଖ୍ୟା ୫୧ରୁ ୩୬କୁ ଖସିଆସିଲା ଏହା ପରେ ଚକ୍ରବର୍ତ୍ତୀ ରାଜଗୋପାଳଚାରୀଙ୍କ ନେତୃତ୍ୱରେ ଜାତୀୟ ସ୍ତରରେ ଗଢ଼ାଯାଇଥିବା ସ୍ୱତନ୍ତ୍ର ପାର୍ଟିରେ 'ଗଣତନ୍ତ୍ର ପରିଷଦ'ର ମିଶ୍ରଣ ହୋଇଗଲ ।

## ଇଣ୍ଡିପେଣ୍ଡେଣ୍ଟ ପିପୁଲ୍ସ ପାର୍ଟି

ଦଳ ବିରୋଧୀ କାର୍ଯ୍ୟ ଯୋଗୁଁ କଂଗ୍ରେସରୁ ବହିଷ୍କୃତ ହୋଇ ପଣ୍ଡିତ ନୀଳକଣ୍ଠ ଦାସ ଗୋଦାବରୀଶ ମିଶ୍ରଙ୍କ ସହଯୋଗରେ 'ଇଣ୍ଡିପେଣ୍ଡେଣ୍ଟ ପିପୁଲ୍ସ ପାର୍ଟି' ଗଢ଼ିଥିଲେ । ୧୯୫୨ ମସିହାରେ ସ୍ୱାଧିନତା ପରେ ପ୍ରଥମ ବିଧାନସଭା ନିର୍ବାଚନରେ ଭାରତୀୟ ଜାତୀୟ କଂଗ୍ରେସକୁ କଡା ଟକ୍କର ଦେଇଥିଲା ଗଣତନ୍ତ୍ର ପରିଷଦ । ଏହି ନିର୍ବାଚନରେ ଗଣତନ୍ତ୍ର ପରିଷଦକୁ ଇଣ୍ଡିପେଣ୍ଡେଣ୍ଟ ପିପୁଲ୍ସ ପାର୍ଟି ସମ୍ପୂର୍ଣ୍ଣ ସହଯୋଗ କରିଥିଲା ।

## ଜନ କଂଗ୍ରେସ

୧୯୬୫ ମସିହା ମେ ମାସ ୫ ତାରିଖରେ ପବିତ୍ର ମୋହନ ପ୍ରଧାନ 'ଜନ କଂଗ୍ରେସ' ନାମରେ ଏକ ଆଞ୍ଚଳିକ ଦଳ ଗଢ଼ିଥିଲେ । ପବିତ୍ର ମୋହନ ପ୍ରଧାନ ଏହି ଦଳର ସଭାପତି ଥିଲେ ମଧ୍ୟ ଡକ୍ଟର ହରେକୃଷ୍ଣ ମହତାବଙ୍କ ଇସାରାରେ ଏହି ଦଳ କାମ କରୁଥିଲା । ଓଡ଼ିଶାରୁ 'କଂଗ୍ରେସ ହଟାଓ' ଜନ କଂଗ୍ରେସର ମୂଳ ଲକ୍ଷ୍ୟ ଥିଲା । ୧୯୬୭ ମସିହାରେ ପ୍ରଥମ ଭାଗରେ ହୋଇଥିବା ଲୋକସଭା ଓ ବିଧାନ ସଭା ନିର୍ବାଚନରେ ସ୍ୱତନ୍ତ୍ର ପାର୍ଟି ଓ ଜନ କଂଗ୍ରେସ ମିଳିତ ଭାବରେ ନିର୍ବାଚନ ଲଢ଼ିଥିଲେ । ପ୍ରଥମ ଥର ନିର୍ବାଚନ ଲଢ଼ି ଜନ କଂଗ୍ରେସ ୨୬ ଆସନ ଦଖଲ କରିଥିଲା ।

## ଉତ୍କଳ କଂଗ୍ରେସ

୧୯୬୯ରେ ରାଷ୍ଟ୍ରପତି ନିର୍ବାଚନକୁ କେନ୍ଦ୍ର କରି ଭାରତୀୟ ଜାତୀୟ କଂଗ୍ରେସ ଦଳ ଦୁଇ ଭାଗ ହୋଇଗଲା । ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱରେ ଗଠିତ ହୋଇଥିବା କଂଗ୍ରେସ (ଆର)ରେ ବିଜୁ ପଟ୍ଟନାୟକଙ୍କୁ ସାମିଲ କରାଗଲା ନାହିଁ । ଏହାକୁ ବିରୋଧ କରି ବିଜୁ ବାବୁ ୧୯୭୦ ମସିହା ମେ ୧୭ ତାରିଖରେ 'ଉତ୍କଳ କଂଗ୍ରେସ' ଦଳ ଗଠନ କଲେ । ସ୍ୱତନ୍ତ୍ର ପାର୍ଟି ଓ ଜନ କଂଗ୍ରେସ ସରକାର ପତନ ପରେ ୧୯୭୧ ଓଡ଼ିଶା ବିଧାନ ସଭା ନିର୍ବାଚନରେ ଲଢ଼ି ୩୩ଟି ସିଟ୍‌ରେ ଉତ୍କଳ କଂଗ୍ରେସ ବିଜୟୀ ହୋଇଥିଲା ।

୧୯୭୨ ମସିହାରେ ଉତ୍କଳ କଂଗ୍ରେସ ମୂଳ କଂଗ୍ରେସ ଦଳରେ ମିଶିଗଲା ବୋଲି ଘୋଷଣା ହେବା ପରେ ମଧ୍ୟ ବିଜୁପଟ୍ଟନାୟକ, ପ୍ରତାପ ମହାନ୍ତି, ପ୍ରହ୍ଲାଦ ମଲ୍ଲିକ୍, ରାମକୃଷ୍ଣ ପଟ୍ଟନାୟକ, ଶରତ କର, ଚନ୍ଦ୍ର ମାଧବ ମିଶ୍ର ଓ ବୃନ୍ଦାବନ ନାୟକଙ୍କୁ କଂଗ୍ରେସ ଦଳ ଗ୍ରହଣ ନକରିବା ଫଳରେ ବିଜୁ ପଟ୍ଟନାୟକ ୧୯୭୨ ନଭେମ୍ବର ମାସରେ ଉତ୍କଳ କଂଗ୍ରେସ ପୁର୍ନଗଠିତ ହେଲା ବୋଲି ଘୋଷଣା କରିବା ପରେ ୧୯୭୩ ଫେବୃଆରୀ ମାସରେ ନୀଳମଣି ରାଉତରାୟଙ୍କ ନେତୃତ୍ୱରେ କଂଗ୍ରେସରେ ମିଶିଥିବା ୨୧ ଜଣ ବିଧାୟକ କଂଗ୍ରେସ ଛାଡି ଉତ୍କଳ କଂଗ୍ରେସକୁ ଫେରି ଆସିଲେ ।

## ପ୍ରଗତି ଦଳ

ଓଡ଼ିଶା ରାଜନୀତିରୁ କଂଗ୍ରେସ ଦଳକୁ ଦୂରେଇ ରଖିବା ପାଇଁ ତିନି ଜଣ ପ୍ରମୁଖ ରାଜନେତା ଡକ୍ଟର ହରେକୃଷ୍ଣ ମହତାବ, ରାଜେନ୍ଦ୍ର ନାରାୟଣ ସିଂହଦେଓ ଓ ବିଜୁ ପଟ୍ଟନାୟକ ନିଜ ନିଜ ମଧ୍ୟରେ ଥିବା ଆଦର୍ଶଗତ ମତ ପାର୍ଥକ୍ୟକୁ ଭୁଲି 'ପ୍ରଗତି ଦଳ' ନାମକ ଏକ ଆଞ୍ଚଳିକ ଦଳ ଗଢ଼ିଥିଲେ ।

## କଂଗ୍ରେସ ଫର ଡେମୋକ୍ରାସି

ଜଗଜୀବନ ରାମଙ୍କ ନେତୃତ୍ୱରେ ଜାତୀୟ ସ୍ତରରେ ୧୯୭୭ରେ ଗଢ଼ା ହୋଇଥିବା କଂଗ୍ରେସ ଫର ଡେମୋକ୍ରାସ ବା ସିଏଫ୍‌ଡି ଦଳରେ ନନ୍ଦିନୀ ଶତପଥୀ ଯୋଗଦେଇଥିଲେ ବି ଓଡ଼ିଶାରେ ଏହା ପ୍ରଭାବହୀନ ଥିଲା । ଜନତା ଦଳ ଗଠନ ସମୟରେ ସିଏଫଡି ସେଥିରେ ମିଶି ଯାଇଥିଲା ।

## ଜାଗ୍ରତ ଓଡ଼ିଶା

୧୯୭୬ରେ ନନ୍ଦିନୀ ଶତପଥୀ ମୁଖ୍ୟମନ୍ତ୍ରୀ ପଦରୁ ବିଦା ହେବା ପରେ କୌଣସି ଦଳରେ ଯୋଗ ଦେଇନଥିଲେ । ୧୯୮୪ ମସିହା ମେ ୪ ତାରିଖରେ ସେ 'ଜାଗ୍ରତ ଓଡ଼ିଶା'ନାମରେ ଏକ ସଙ୍ଗଠନ ଗଢ଼ିଲେ । ୧୯୮୫ରେ ଜାଗ୍ରତ ଓଡ଼ିଶା ପକ୍ଷରୁ ନିର୍ବାଚନ ଲଢ଼ି ନନ୍ଦିନୀ ଶତପଥୀଙ୍କ ସମେତ ଆଉ ୨ ଜଣ ପ୍ରାର୍ଥୀ ମଧ୍ୟ ପରାଜିତ ହୋଇଥିଲେ ।

## ବିଜୁ ଜନତା ଦଳ

ଖାଲି ଓଡ଼ିଶା ରାଜନୀତି ଇତିହାସରେ ନୁହେଁ ଭାରତୀୟ ରାଜନୀତିରେ ମଧ୍ୟ ସବୁଠାରୁ ସଫଳତମ ଆଞ୍ଚଳିକ ଦଳ ହେଉଛି ବିଜୁ ଜନତା ଦଳ । ୧୯୯୭ ମସିହା ଡିସେମ୍ବର ୨୬ ତାରିଖରେ 'ବିଜୁ ଜନତା ଦଳ' ଗଠନ ହେଲା ଓ ନବୀନ ପଟ୍ଟନାୟକ ଏହାର ସଭାପତି ହେଲେ । ସେତେବେଳେ ଜନତା ଦଳ ୪୦ ବିଧାୟକଙ୍କ ଭିତରୁ ୧୪ ଜଣଙ୍କୁ ଛାଡି ବାକି ୨୬ ଜଣ ବିଜୁ ଜନତା ଦଳରେ ଯୋଗ ଦେଲେ । ବିଜୁ ପଟ୍ଟନାୟକଙ୍କ ପରେ ତାଙ୍କର ଖାଲି ପଡିଥିବା ଆସ୍କା ଲୋକସଭା ଆସନରୁ ଲଢ଼ି ତାଙ୍କ ପୁଅ ନବୀନ ପଟ୍ଟନାୟକ ବିଜୟୀ ହୋଇଥିଲେ । ଏହା ପରେ ସେ କେନ୍ଦ୍ରରେ କ୍ୟାବିନେଟ୍ ମନ୍ତ୍ରୀ ବି ହୋଇଥିଲେ । ତାଙ୍କ ନେତୃତ୍ୱରେ ବିଜେଡି ଓଡ଼ିଶାରେ ୫ ଥର ସରକାର ଗଢ଼ିବା ସହିତ ବର୍ତ୍ତମାନ ଓଡ଼ିଶା ବିଧାନସଭାରେ ମୁଖ୍ୟ ବିରୋଧି ଦଳ ଭାବରେ କାର୍ଯ୍ୟ କରୁଛି ।

## ଓଡ଼ିଶା ଗଣ ପରିଷଦ

ଷଡ଼ଯନ୍ତ୍ରର ଶିକାର ହୋଇ ବିଜେଡ଼ିରୁ ବିତାଡ଼ିତ ହେବାପରେ ବିଜୟ ମହାପାତ୍ର ଓଡ଼ିଶା ଗଣ ପରିଷଦ ଗଠନ କରିଥିଲେ । ନରସିଂହ ମିଶ୍ର, ତଥାଗତ ଶତପଥି, ରୁଦ୍ର ମାଧବ ରାୟଙ୍କ ଭଳି ଅନେକ ନେତା ତାଙ୍କ ସହ ଯୋଡ଼ି ହୋଇଥିଲେ । କଳିଙ୍ଗ ଷ୍ଟାଡ଼ିୟମରେ ଏକ ବିରାଟ ସଭା କରି ସେ ରାଜନୀତିକ ଦଳ ଘୋଷଣା କରିଥିଲେ । ୨୦୦୧ରେ ଏହା ରାଜନୈତିକ ଦଳର ମାନ୍ୟତା ପାଇଥିଲା । ୨୦୦୪ରେ ଦଳ ନିର୍ବାଚନକୁ ଓହ୍ଲାଇ ଅଳ୍ପ ସଫଳତା ପାଇଥିଲା । ପରେ ଏହା ଏନସିପିରେ ବିଲୟ ହୋଇଯାଇଥିଲା । ଓଜିପିର ଅକାଳ ମୃତ୍ୟୁ ପରେ ବିଜୟ ଏନସିପି, ବିଜେପିରେ ରାଜନୀତି କରିଥିଲେ ବି ସଫଳ ହୋଇନଥିଲେ ।

ଏହାପରେ ଓଡ଼ିଶା ରାଜନୀତିରେ ଅନେକ ଆଞ୍ଚଳିକ ଦଳର ଅଭ୍ୟୁଦୟ ଘଟିଛି । ପ୍ୟାରୀମୋହନ ମହାପାତ୍ରଙ୍କ ଜନମୋର୍ଚ୍ଚା, ବ୍ରଜ କିଶୋର ତ୍ରିପାଠୀଙ୍କ ସମତାକ୍ରାନ୍ତି ଦଳ, ଖାରବେଳ ସ୍ୱାଇଁଙ୍କ ଉତ୍କଳ ଭାରତ, ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଆମ ଓଡ଼ିଶା, ଯତୀଶ ଚନ୍ଦ୍ର ମହାନ୍ତିଙ୍କ ସମୃଦ୍ଧ ଓଡ଼ିଶା ଭଳି ଦଳ ଗଠନ ହୋଇଥିଲେବି ତାହା ପ୍ରଭାବଶାଳୀ ହୋଇପାରିନଥିଲା । କିଛି ଦଳ ବିଲୟ ହୋଇଯାଇଥିବାବେଳେ କିଛି ଦଳ ହଜି ଯାଇଥିଲା ।






# ପେନ୍‌ସନ୍ ଟେନ୍‌ସନ୍

ପେନସନ୍
ଏବେ ସମସ୍ତଙ୍କୁ ଦେଇଛି ଟେନ୍‌ସନ୍ । ସରକାରୀ ଚାକିରୀଆ ହୁଅନ୍ତୁ ବା ସରକାର, ସମସ୍ତେ ଏବେ ପେନସନକୁ ନେଇ ଚିନ୍ତାରେ ପଡ଼ିଯାଇଛନ୍ତି । ପେନସନ ନପାଇଲେ ୬୦ ବର୍ଷ ପରେ କିଭଳି ଉପାର୍ଜନ କରିବେ ସେହି ଚିନ୍ତା କର୍ମଚାରୀଙ୍କୁ ଘାରିଥିବାବେଳେ ପେନସନ ଲାଗୁ କଲେ ବର୍ଷକୁ ଲକ୍ଷ ଲକ୍ଷ କୋଟି ଟଙ୍କାର ବୋଝ ରାଜକୋଷ ଉପରେ ପଡ଼ିବ । ଯେଉଁ ଚିନ୍ତା ସରକାରଙ୍କୁ ଘାରିଛି ।

୧୮୫୭ରେ ବ୍ରିଟିଶ ସରକାର ଲାଗୁ କରିଥିଲେ ପେନ୍‌ସନ୍ ବ୍ୟବସ୍ଥା । ସମୟକ୍ରମେ ଏହି ବ୍ୟବସ୍ଥାର ସ୍ୱରୂପ ବଦଳିଥିଲା । ୨୦୦୩ ଡିସେମ୍ବର ଯାଏଁ ଭାରତର ସବୁ ସରକାରୀ କର୍ମଚାରୀ ଏହି ପେନ୍‌ସନ୍ ପୁରୁଣା ନିୟମରେ ପେନ୍‌ସନ୍ ପାଉଛନ୍ତି । ୨୦୦୪ ଜାନୁଆରୀ ମାସ ଠାରୁ ସରକାର ଏହାକୁ ବନ୍ଦ କରିଦେଇଛନ୍ତି । ତେବେ ୨୦୨୨ରେ ରାଜସ୍ଥାନ, ଛତିଶଗଡ଼, ଝାଡଖଣ୍ଡ ଓ ପଞ୍ଜାବରେ ଏବଂ ୨୦୨୩ରେ ହିମାଞ୍ଚଳ ପ୍ରଦେଶର ସ୍ଥାନୀୟ ସରକାର ପୁରୁଣା ପେନ୍‌ସନ୍ ବ୍ୟବସ୍ଥା ଲାଗୁ କରିବା ପରେ ସାରା ଦେଶରେ ଜାରି ରହିଛି ନୂଆ ଓ ପୁରୁଣା ପେନ୍‌ସନ୍ ବ୍ୟବସ୍ଥାକୁ ନେଇ ଅନେକ ତର୍କ ବିତର୍କ । ୨୦୦୪ ପରେ ସରକାରୀ ଚାକିରୀରେ ଯୋଗ ଦେଇଥିବା କର୍ମଚାରୀମାନଙ୍କ କ୍ଷେତ୍ରରେ ସେବାନିବୃତ୍ତ ପୁରୁଣା ପେନସନ ବ୍ୟବସ୍ଥାକୁ ବନ୍ଦ କରି ନୂତନ ପେନସନ ବ୍ୟବସ୍ଥା ପ୍ରଚଳିତ ହୋଇଥିଲା । ଯେଉଁଥିରେ କି ସରକାର କର୍ମଚାରୀମାନଙ୍କୁ ପ୍ରତି ମାସରେ ୧୦% ଏବଂ କର୍ମଚାରୀମାନେ ନିଜ ବେତନର ୧୦% ଅଂଶ ପ୍ରଦାନ କଲା ପରେ ଉଭୟ ରାଶି ସେୟାର ବଜାରରେ ବିନିଯୋଗ କରାଯାଇ ଉକ୍ତ ଲାଭାଂଶକୁ କର୍ମଚାରୀମାନଙ୍କୁ ଅବସର ସମୟରେ ପେନସନ ଆକାରରେ ଦେବାକୁ ସ୍ଥିର କରିଥିଲେ । ପରବର୍ତ୍ତୀ ସମୟରେ ସାରା ଭାରତରେ ଏନପିଏସକୁ ବିରୋଧ କରି ପୁରୁଣା ପେନସନ ଲାଗୁ କରିବା ନିମନ୍ତେ ବିଭିନ୍ନ କର୍ମଚାରୀ ସଂଗଠନ ଏକ ହୋଇ ଏନଏମଓପିଏସ ଗଠନ କରି ଆନ୍ଦୋଳନ କରି ଆସୁଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଯେତେବେଳେ ବିରୋଧୀ ଦଳର ମୁଖ୍ୟ ସଚେତକ ଥିଲେ ସେ କହିଥିଲେ ଯେ, ଯଦି ଝାଡଖଣ୍ଡ, ରାଜସ୍ଥାନରେ ପୁରୁଣା ପେନସନ ହୋଇପାରୁଛି, ଓଡିଶାରେ କାହିଁକି ନୁହେଁ ?










ଭାରତରେ କର୍ମଚାରୀମାନଙ୍କର ଅବସର ପରବର୍ତ୍ତୀ ସାମାଜିକ ଓ ପାରିବାରିକ ଜୀବନର ନିରାପତ୍ତା ପାଇଁ ପେନସନ ଲାଗୁ ହୋଇଥିଲା। ଏହା ଦ୍ୱାରା ପ୍ରତିଟି କର୍ମଚାରୀ ନିଜ ସେବା ଓ ସଦିଚ୍ଛା ବଳରେ ରାଜ୍ୟ ଓ ଦେଶକୁ ଏକ ବିକାଶ ପଥରେ ଆଗେଇ ନେବେ । ୨୦୦୪ରେ ସରକାର ପୁରୁଣା ପେନସନ ଉଚ୍ଛେଦ କରି ନୂତନ ପେନସନ ସହିତ ୟୁନିଫାଏଡ ପେନସନ ସ୍କିମ ଲାଗୁ କଲେ । ଯେତେବେଳେ କି ବିଧାୟକ ଓ ସାଂସଦମାନେ ଦୁଇ ତିନୋଟି ଲେଖାଏଁ ପେନସନ ନେଉଛନ୍ତି, ଓଡ଼ିଶାର ୪ ଲକ୍ଷ ତଥା ଦେଶର ୧ କୋଟି କର୍ମଚାରୀ ଓ ସେମାନଙ୍କ ପରିବାର ତରଫରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ ପୁରୁଣା ପେନସନ ଲାଗୁ କରନ୍ତୁ ।

**ବିଜୟ ମଲ୍ଲ, ସଭାପତି**



ପୁରୁଣା ପେନ୍‌ସନ୍ ହିଁ ବୃଦ୍ଧାବସ୍ଥାର ଏକମାତ୍ର ସାହାରା ଯାହାକୁ ସରକାର ହୃଦୟଙ୍ଗମ କରିଛନ୍ତି ବୋଲି ସାଂସଦ ବିଧାୟକମାନଙ୍କୁ ଏଥିରୁ ବଞ୍ଚିତ କରାଯାଇ ନାହିଁ। ତେଣୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଅନୁରୋଧ ସରକାରୀ କର୍ମଚାରୀମାନଙ୍କୁ ମଧ୍ୟ ଏଥିରୁ ବଞ୍ଚିତ କରାନଯାଉ ।

**କ୍ଷିତିଶ କୁମାର ପଣ୍ଡା, ଉପସଭାପତି**



ସରକାରୀ କର୍ମଚାରୀ ହେଉଛନ୍ତି ଜନସାଧାରଣଙ୍କ ପାଖରେ ସୁଶାସନ ପହଞ୍ଚାଇବା ପାଇଁ ସରକାର ଓ ଜନତାଙ୍କ ମଧ୍ୟରେ ଜଣେ ଜଣେ ସୂତ୍ରଧର। ଜଣେ ସରକାରୀ କର୍ମଚାରୀ ୨୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ରାଷ୍ଟ୍ର ନିର୍ମାଣରେ ବିନିଯୋଗ କରିଥାଏ କିନ୍ତୁ ପରିଣତ ବୟସରେ ଯଦି ସେ ଏନ୍‌ପିଏସ୍ ୟୁପିଏସ୍ ବ୍ୟବସ୍ଥାରେ ହାରାହାରି ୧୫୦୦ ଟଙ୍କା ପେନ୍‌ସନ୍ ପାଇବେ; ସେତିକି ଅର୍ଥରାଶିରେ ସେ ସ୍ୱାଭିମାନ ସହ ମୁଣ୍ଡ ଟେକି ଚାଲିପାରିବେ ନାହିଁ। ଓପିଏସ୍ ବା ପୁରୁଣା ପେନ୍‌ସନ୍ ବ୍ୟବସ୍ଥା ବାର୍ଦ୍ଧକ୍ୟରେ ସାମାଜିକ ସୁରକ୍ଷା ପ୍ରଦାନ କରିଥାଏ ଓ କାହା ସାମ୍ନାରେ ହାତ ପତାଇବା ପାଇଁ ଦିଏ ନାହିଁ। ଓଡ଼ିଶା ସରକାରଙ୍କ ୪୨ ଟି ବିଭାଗର କର୍ମଚାରୀମାନେ ଅପେକ୍ଷାରତ ଯେ ସରକାର ତାଙ୍କ ଅନ୍ଧର ଲଉଡ଼ି କେବେ ସାଜିବେ?

**ରାଜେନ୍ଦ୍ର ମଲ୍ଲିକ୍, ଉପସଭାପତି**



ଏନ୍‌ପିଏସ୍/ୟୁପିଏସ୍ ରେ କର୍ମଚାରୀଙ୍କ ପାଇଁ ନିଶ୍ଚିତ ପେନ୍‌ସନ୍ ନାହିଁ, ମାସିକ ୧୦% କାଟିବା ଓ ଅବସର ପରେ ମାତ୍ର ୧,୦୦୦ ଟଙ୍କା ପେନସନ ନୂତନ ପିଢ଼ିକୁ ଅର୍ଥନୈତିକ ଓ ମାନସିକ ଚାପରେ ପକାଇ ଦେଉଛି। ପୁରୁଣା ପେନସନ ଏକ ସୁରକ୍ଷିତ, ନିଶ୍ଚିତ ବ୍ୟବସ୍ଥା, ଯାହା ଶେଷ ବେତନର ୫୦% ସହିତ ମହଙ୍ଗା ଭତ୍ତା (ଡିଏ) ବୃଦ୍ଧି ଓ ପରିବାର ପେନ୍‌ସନ୍ ସାରାଜୀବନ ପାଇଁ ଆର୍ଥିକ ସୁନିଶ୍ଚିତତା ଦେଇଥାଏ । କେନ୍ଦ୍ର ଏବଂ ରାଜ୍ୟ ସରକାର ଓପିଏସ୍ ପୁର୍ନବାର ଲାଗୁକରି, କର୍ମଚାରୀଙ୍କର ଅବସରକାଳୀନ ଜୀବନ ଖୁସି, ସୁରକ୍ଷିତ ଓ ଚିନ୍ତାମୁକ୍ତ କରିବା ଅତ୍ୟାବଶ୍ୟକ ।

**ଅଶ୍ୱିନୀ ଦାସ, ଉପସଭାପତି**



ଜଣେ ସରକାରୀ କର୍ମଚାରୀ ତାଙ୍କୁ ୬୦ ବର୍ଷ ହେବା ପର୍ଯ୍ୟନ୍ତ ଦେଶ ଏବଂ ରାଜ୍ୟର ଉନ୍ନତିମୂଳକ ପ୍ରତ୍ୟେକ କାର୍ଯ୍ୟକୁ ସଫଳ କରିବାପାଇଁ ନିଜର ଯୁବ ଅବସ୍ଥାରୁ ବୃଦ୍ଧା ହେବା ପର୍ଯ୍ୟନ୍ତ ନିଜର ଶ୍ରମଦାନ କରିଥାଏ ସେହି କ୍ଷେତ୍ରରେ ପେନ୍‌ସନ୍ ଗଣ୍ଡାକ ହେଉଛି କର୍ମଚାରୀଟିର ବୃଦ୍ଧା ବୟସର ଆଶାବାଡ଼ି, ଖାଲି ସେତିକିନୁହେଁ ଯେଉଁ କର୍ମଚାରୀମାନଙ୍କର ବିକଳାଙ୍ଗ ପିଲାମାନେ ଅଛନ୍ତି ବାପା ମାଆଙ୍କର ପେନ୍‌ସନ୍ ଗଣ୍ଡାକ ସେ ବିକଳାଙ୍ଗ ପିଲାର ଆଶ୍ରା, ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କୁ ବିନମ୍ର ଅନୁରୋଧ ପୁରୁଣା ପେନ୍‌ସନ୍ ଲାଗୁ କରାଇ 'ସବ୍‌କା ସାଥ ସବ୍‌କା ବିକାଶ' ନାରା କୁ ସଫଳ କରାନ୍ତୁ ।

**ପ୍ରଦୀପ ପ୍ରଧାନ, ରାଜ୍ୟ କାର୍ଯ୍ୟକାଅ;ରିଣୀ ସଦସ୍ୟ**



୨୦୦୩ ମସିହାରୁ ଶିକ୍ଷା ସହାୟକ ଭାବରେ ଚାକିରିରେ ଯୋଗଦାନ କରି ୨୦୧୯ ମସିହାରେ ଅବସର ଗ୍ରହଣ କରିବାପରେ ମାସକୁ ମାତ୍ର ୫୨୦ ଟଙ୍କା ପେନସନ ପାଉଛି। ଦୁଃଖର କଥା ଯେତେବେଳେ ରାଜ୍ୟର ଆର୍ଥିକ ସ୍ଥିତି ଖରାପ ଥିଲା ସେତେବେଳେ ଆମେ ଖୁବ୍ କମ୍ ବେତନରେ ଚାକିରି କରିଥିଲେ ମଧ୍ୟ ସରକାରଙ୍କୁ କୌଣସି ଅସୁବିଧାରେ ପକାଇନଥିଲୁ କିନ୍ତୁ ଏବେ ସରକାରଙ୍କ ସ୍ଥିତି ଭଲ ହେବା ସତ୍‌ବେ ଅବସର ପର ପେନସନ ବାର୍ଦ୍ଧକ୍ୟ ଭତ୍ତା ଠାରୁ କମ୍ ମିଳିବା ବହୁତ୍ ବ୍ୟଥିତ କରୁଛି ।

**ନରୋତ୍ତମ ସାହୁ**
**NPS ପାଉଥିବା କର୍ମଚାରୀ**



ରକ୍ଷା ହେଇଗଲି ପୁରୁଣା ପେନ୍ ସନ୍ ଗଣ୍ଡାକ ପାଇଁ। ୧୯୮୪ ମସିହାରେ ଚାକିରୀ ଆରମ୍ଭ କରି ବନ ବିଭାଗ ମୂଖ୍ୟ ଦପ୍ତର୍ ରୁ ଅବସର ନେଲି , ମାସିକ କଟିକାଟି ୪୫ ହଜାର ପାଉଛି, ସ୍ତ୍ରୀ ପେନ୍ ସନ ପୁଅ ବୋହୂର ରୋଜଗାର ମିଶେଇଲେ ବି କୌଣସି ପ୍ରକାର ଚଳିଯାଉଛି , ମୋର ଔଷଧ ଖର୍ଚ୍ଚ ଆଦି ଯାହା ଖର୍ଚ୍ଚ ବେଉଛି, ପୁରୁଣା ପେନସନ ଗଣ୍ଡାକ୍ ନ ପାଇଥିଲେ , କଣ ହେଇଥାନ୍ତା ମୋ ପରିସ୍ଥିତି ?

**ପ୍ରଭାତ ମହାନ୍ତି**
**ପୁରୁଣା ପେନସନରେ ଅବସର ନେଇଥିବା କର୍ମଚାରୀ**



ସରକାରୀ କର୍ମଚାରୀଙ୍କ ବାର୍ଦ୍ଧକ୍ୟ ର ଆଶା, ଭରସା ଓ ସାହାରା ପୁରୁଣା ପେନସନ। ମାନସିକ ସୁସ୍ଥତା ଶରୀରକୁ ସୁସ୍ଥ ରଖେ। କିନ୍ତୁ ଏସବୁ ନିର୍ଭର କରେ ଅବସର ଗ୍ରହଣ ପରେ ପୂର୍ଣ୍ଣ ପେନସନ। ଜୀବନ ସାରା ସେବା ଦେଇ, ନିଜେ ସେବା ପାଇବାରୁ ବଞ୍ଚିତ, ଏହା ଏକ ଦାରୁଣ କଷ୍ଟ। ଏଣୁ ସମସ୍ତ ସରକାରୀ କର୍ମଚାରୀଙ୍କ ପୁରୁଣା ପେନସନ ମିଳିବା ନିତାନ୍ତ ଆବଶ୍ୟକ।

**ରାଜେଶ ମହାନ୍ତି**
**ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ**

**ଯାଜପୁର ପଲିଟିକ୍ସ**

# ଗୌତମ-ସଂଗ୍ରାମ ଲଢ଼ାଲଢ଼ି



ଯାଜପୁର ରାଜନୀତି ସବୁବେଳେ ଚର୍ଚ୍ଚାରେ ରହିଥାଏ । ଅଶୋକ ଦାସ ହୁଅନ୍ତୁ କି ପ୍ରଣବ ପ୍ରକାଶ ଦାସ, ରାଜ୍ୟ ରାଜନୀତିରେ ଚର୍ଚ୍ଚିତ ଚେହେରା ଥିବାରୁ ଯାଜପୁର ଉପରେ ସମସ୍ତଙ୍କ ନଜର ରହିବା ସ୍ୱାଭାବିକ । ୨୦୨୪ରେ ଧର୍ମେନ୍ଦ୍ର ପ୍ରଧାନଙ୍କୁ ହରାଇବା ପାଇଁ ଯାଜପୁରରୁ ସମ୍ବଲପୁର ଡେଇଁଥିବା ବବି ଦାସଙ୍କୁ ଚିଟପଟାଙ୍ଗ ଦେବାକୁ ପଡ଼ିଥିଲା । ତାଙ୍କର ସେହି ଭୁଲ୍ ନିଷ୍ପତ୍ତି ପାଇଁ ଯାଜପୁରରେ ବିଜେଡ଼ି ବି ଦୋହଲି ଯାଇଥିଲା । ଏମିତିକି କୋରେଇରେ ବବିଙ୍କ ମା'ଙ୍କୁ ପରାଜୟର ସାମ୍ନା କରିବାକୁ ପଡ଼ିଛି । ନିର୍ବାଚନର ୧୮ ମାସ ପରେ ବିଜେଡ଼ିର ସ୍ଥିତି ଆହୁରି ସଂଗୀନ ହୋଇଯାଇଛି । ଧର୍ମଶାଳା ହେଉକି ବରି ଅବା ହେଉ ବଡ଼ଚଣା ବିଜେଡ଼ି ନେତାମାନେ ଶଙ୍ଖ ଛାଡ଼ି ପଦ୍ମ ଧରିବାକୁ ପସନ୍ଦ କରୁଛନ୍ତି । ଯାଜପୁରରେ ଏବେ ବିଜେପି ବଢୁଥିବାବେଳେ ଯାଜପୁର ଆସନକୁ କବଜା କରିବା ପାଇଁ ବିଜେପି ଅଣ୍ଟା ଭିଡ଼ିଛି ।

୨୦୨୪ରେ ବବିଙ୍କ ଅନୁଗତ ସୁଜାତା ସାହୁ ବାଜିମାତ୍ କରିଥିଲେ । ତେବେ ବବିଙ୍କ ସହ ଲଢ଼େଇ ବେଳେ ବହୁ ପଛରେ ପଡି ଯାଉଥିବା ଗୌତମ ରାୟ କିନ୍ତୁ ୮୩ ହଜାରରୁ ଉର୍ଦ୍ଧ୍ୱ ଭୋଟ୍ ପାଇ ବିଜୟର ନିକଟତର ହୋଇଥିଲେ । ଯାଜପୁର ବିଜେପିରେ ସମସ୍ତେ ଯଦି ଏକାଠି ଲଢିଥା'ନ୍ତେ ତେବେ ଖେଳ ବଦଳି ଯାଇଥା'ନ୍ତା । ଏବେ ବିଜେପି ବଢୁଥିବାରୁ ଏବେଠାରୁ ୨୦୨୯ ପାଇଁ ସ୍ୱପ୍ନ ଦେଖିବା ଆରମ୍ଭ କରିଛନ୍ତି ଗୌତମ । ତେବେ ତାଙ୍କ ରାସ୍ତାରେ କଣ୍ଟା ସାଜିଛନ୍ତି ସଂଗ୍ରାମ କେଶରୀ ପାତ୍ର । ଗୌତମ ଓ ସଂଗ୍ରାମଙ୍କ ମଧ୍ୟରେ ଏବେ ସାଙ୍ଗଠନିକ ସହ ଟିକେଟ ଲଢ଼େଇ ବି ଆରମ୍ଭ ହୋଇଯାଇଛି । ୨୦୦୯, ୨୦୧୯ ଓ ୨୦୨୪ରେ ନିର୍ବାଚନ ଲଢ଼ି ଗୌତମ ହାରିଥିବାରୁ ଟିକେଟ ନେବାକୁ ସଂଗ୍ରାମ ଯୋଜନା କରିଛନ୍ତି ।

୨୦୨୪ରେ ଯାଜପୁରରେ ବିଜେପି ବଢ଼ିଥିଲେବି ବିଜେଡ଼ିକୁ ଦୁର୍ବଳ ଭାବିବା ବୋକାମୀ ହେବ । ବବି ଦାସ ସବୁବେଳେ ବହୁ ଭୋଟରେ ଜିତୁଥିବାବେଳେ ଗତଥର ନିର୍ବାଚନ ଲଢ଼ିନଥିଲେ । ଏମିତିକି ଯାଜପୁରରେ ସେ ପ୍ରଚାର ବା ରଣନୀତି ପାଇଁ ସମୟ ଦେଇପାରିନଥିଲେ । ତାଙ୍କ ଭାଇ ଭବ ପ୍ରକାଶ ଦାସ ମଧ୍ୟ ଯାଜପୁର ବଦଳରେ ମା' ଲଢୁଥିବା କୋରେଇ ଉପରେ ଅଧିକ ଗୁରୁତ୍ୱ ଦେଇଥିଲେ । ତଥାପିବି ବିଜେଡ଼ି ବାଜିମାତ୍ କରିଥିଲା । ଏବେ ବବି ସବୁବେଳେ ଯାଜପୁର ଓ କୋରେଇ ଉପରେ ଧ୍ୟାନ ଦେଉଛନ୍ତି । ଦୁଇଟି ଯାକ ନିର୍ବାଚନମଣ୍ଡଳୀରେ ସଂଗଠନକୁ ଗୁରୁତ୍ୱ ଦେବା ଆରମ୍ଭ କରିଛନ୍ତି । ବିଜେଡ଼ିର ଟାଣୁଆ ନେତା ହୋଇଥିବାରୁ ତାଙ୍କୁ ଦଳ ଭିତରେ ବିରୋଧ କରିବାର କାହାର ଶକ୍ତି ନାହିଁ । ସେପଟେ କିନ୍ତୁ ଯାଜପୁରର ଦୁଇ ଟାଣୁଆ ବିଜେପି ନେତା ଗୌତମ ଓ ସଂଗ୍ରାମଙ୍କ ଭିତରେ ଲଢ଼େଇ ବବି ଦାସଙ୍କୁ ଆହୁରି ସୁହାଇବ ବୋଲି ଯାଜପୁର ରାଜନୀତିକ ଅଳିନ୍ଦରେ ଚର୍ଚ୍ଚା ଜୋର୍ ଧରିଛି ।

# ପ୍ରଦୀପଙ୍କ ଗୋପାଳପୁର ମୋହ

**ଗଞ୍ଜାମ ପଲିଟିକ୍ସ**

୨୦୨୪ ନିର୍ବାଚନ ପୂର୍ବରୁ ଦୁଇ ଜଣ ନେତା ବେଶ୍ ଚର୍ଚ୍ଚାରେ ଥିଲେ । ଜଣେ ହେଉଛନ୍ତି ଭିକେ ପାଣ୍ଡିଆନ୍ ଓ ଅନ୍ୟ ଜଣେ ହେଉଛନ୍ତି ପ୍ରଦୀପ ପାଣିଗ୍ରାହୀ । ରାଜନୀତିର ଦାଓପେଞ୍ଚରେ ପ୍ରଦୀପଙ୍କୁ ଖତ କରିବାକୁ ଚାହୁଁଥିଲେ ପାଣ୍ଡିଆନ୍ । କିନ୍ତୁ ପ୍ରଦୀପ ବି ଡରିଯାଇନଥିଲେ । ପାଣ୍ଡିଆନ ଓ ବିଜେଡ଼ିର ସବୁ ଶକ୍ତି ସହ ଲଢ଼େଇ କରି ସେ ବେଶ୍ ଚର୍ଚ୍ଚାରେ ରହିଥିଲେ । ତାଙ୍କର 'ଲେଖା ଛିଣ୍ଡିବ' ଡାଇଲଗ୍ ଏବେବି ଚର୍ଚ୍ଚାରେ । ସତକୁ ସତ ଚବିଶ ନିର୍ବାଚନରେ ବିଜେଡ଼ିର ଲେଖା ଛିଣ୍ଡିଗଲା । ପ୍ରଦୀପ ପାଣିଗ୍ରାହୀ ବ୍ରହ୍ମପୁରରୁ ସାଂସଦ ହୋଇଥିବାବେଳେ ପାଣ୍ଡିଆନ୍ ଏବେ ସନ୍ନ୍ୟାସ ନେଇଯାଇଛନ୍ତି । ସମସ୍ତେ ଭାବୁଥିବେ ବ୍ରହ୍ମପୁରରୁ ଜିତିବା ପରେ ପ୍ରଦୀପ ବେଶ୍ ଖୁସି ଥିବେ । ହେଲେ ସାଂସଦ ହେବାପରେ ବି ତାଙ୍କର ମନଦୁଃଖ । ଏବେବି ସେ ଗୋପାଳପୁରର ମୋହ ଛାଡ଼ିପାରିନାହାନ୍ତି । ଏମିତିକି ଗତ ଚବିଶ ନିର୍ବାଚନ ବେଳେ ସେ ଗୋପାଳପୁରରୁ ବିଧାୟକ ପ୍ରାର୍ଥୀ ହେବାକୁ ଚାହୁଁଥିଲେ । ତେବେ ଗୋପାଳପୁରରେ ବିଜେପିକୁ ମଜବୁତ କରିଥିବା ବିଭୂତି ଭୂଷଣ ଜେନା କିନ୍ତୁ ବାଟ ଛାଡ଼ିନଥିଲେ । ସେ ବିଧାୟକ ଟିକେଟ ନେବାକୁ ଜିଦ୍ ଧରି ବସିଥିଲେ । ଅବଶ୍ୟ ବିଭୂତିଙ୍କ ଜିଦର ଦମ୍ ଥିଲା । କାହିଁକିନା ୨୦୦୯ ରେ ମାତ୍ର ୧୩ ହଜାର ଭୋଟ୍ ପାଇ ସେ ଚାରି ନମ୍ବର ସ୍ଥାନରେ ଥିଲେବି ହାର






ମାନିନଥିଲେ । ଲଢ଼େଇ ଜାରି ରଖି ୨୦୧୯ରେ ପ୍ରଦୀପ ପାଣିଗ୍ରାହୀଙ୍କ ଠାରୁ ମାତ୍ର ଅଢ଼େଇ ହଜାର ଭୋଟ୍‌ରେ ହାରି ଯାଇଥିଲେ । ଏମିତିକି ପ୍ରଦୀପ ଯଦି ୨୦୨୪ରେ ବିଜେଡ଼ି ଟିକେଟରୁ ଲଢ଼ିଥା'ନ୍ତେ ତଥାପିବି ହାରି ଯାଇଥା'ନ୍ତେ । କାହିଁକିନା ଗଞ୍ଜାମରେ ବିଜେଡ଼ି ବିରୋଧରେ ଗୋଟିଏ ଅନ୍ତଃସ୍ରୋତ ରହିଥିଲା ।

୨୦୨୪ ନିର୍ବାଚନରେ ବାଜିମାତ୍ କରି ବିଭୂତି ଭୂଷଣ ଜେନା ଏବେ ମନ୍ତ୍ରୀ ହୋଇଛନ୍ତି । ଖାଲି ଗଞ୍ଜାମରେ ନୁହେଁ ରାଜ୍ୟ ରାଜନୀତିରେ ବି ତାଙ୍କର କାଟତି ବଢ଼ିଛି । ଏକଦା ନବୀନଙ୍କ ଖାସ ଅନୁଗତ ଥିବାରୁ ପ୍ରଦୀପଙ୍କର ବି ରାଜ୍ୟ ରାଜନୀତିରେ ବେଶ୍ ଦବଦବା ରହିଥିଲା । ସେ ଗୋପାଳପୁର ସହ ନବୀନଙ୍କ ହିଞ୍ଜିଳି କଥା ବି ବୁଝୁଥିଲେ । ଏବେ ପ୍ରଦୀପ ସାଂସଦ ହେବା ପରେ ସେ ଗୋପାଳପୁରର ମୋହ ଛାଡ଼ି ପାରୁନାହାନ୍ତି । ତାଙ୍କର କର୍ମୀମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ସେ ପ୍ରୟାସ ଜାରି ରଖିଛନ୍ତି । ଏମିତିକି ଗୋପାଳପୁରରେ ୱାର୍କଅର୍ଡ଼ରକୁ ନେଇ ବିଭୂତି ଓ ପ୍ରଦୀପଙ୍କ ସମର୍ଥକଙ୍କ ମଧ୍ୟରେ ବଳ କଷାକଷି ହେଉଥିବା ଲକ୍ଷ୍ୟ କରାଯାଉଛି । ଉପରକୁ ଦୃଶ୍ୟମାନ ହେଉନଥିଲେବି ଏବେ ବିଭୂତି ଓ ପ୍ରଦୀପ କ୍ୟାମ୍ପ ମଧ୍ୟରେ ଶୀତଳ ଯୁଦ୍ଧ ଆରମ୍ଭ ହୋଇଯାଇଛି । ଯେଉଁଥିପାଇଁ କିଛି ବିକାଶମୂଳକ କାମ ବି ଅଟକିଯାଇଛି । ଏପଟେ ସାଂସଦ ପାୱାର ସେପଟେ ମନ୍ତ୍ରୀ ପାୱାର, ଯାହାକୁ ନେଇ ପ୍ରଶାସନିକ ଅଧିକାରୀମାନେ ବି ଚିନ୍ତାରେ ପଡ଼ିଯାଇଛନ୍ତି । ଗୋପାଳପୁରର ଏହି ରୋଚକ ରାଜନୀତି ଏବେ ଚର୍ଚ୍ଚା ସୃଷ୍ଟି କରିବା ସ୍ୱାଭାବିକ ।

ଗତ ନିର୍ବାଚନରେ ଗୋପାଳପୁରରୁ ଲଢ଼ିଥିବା ବିକ୍ରମ ପଣ୍ଡା ଏବେ ପୀତବାସ ପଣ୍ଡାଙ୍କ ହତ୍ୟା ମାମଲାରେ ଜେଲ୍‌ରେ ଅଛନ୍ତି । ଫଳରେ ଗୋପାଳପୁର ବିଜେଡ଼ି ଏବେ ନେତୃତ୍ୱ ସଂକଟ ଦେଇ ଗତିକରୁଛି । ଏବେ ଗୋପାଳପୁରରେ ବିଜେପିକୁ ଆହୁରି ମଜବୁତ କରିବାର ସୁଯୋଗ ରହିଛି । ନୂଆପଡ଼ା ଉପନିର୍ବାଚନ ଦାୟିତ୍ୱରେ ଥିବା ବିଭୂତି ବେଶ୍ ଦମଦାର ପ୍ରଦର୍ଶନ କରିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜ୍ୟ ସଭାପତି ମନମୋହନ ସାମଲ ତାଙ୍କ ଉପରେ ଖୁସି ଅଛନ୍ତି । ବିଭୂତି ଏବେ ବିଜେପିକୁ ମଜବୁତ କରିବା ପାଇଁ ଅପରେସନ ଲୋଟସ ଆରମ୍ଭ କରିବାକୁ ରଣନୀତି କରିଛନ୍ତି । ନୂଆବର୍ଷରେ ସେ ବିଜେଡ଼ିକୁ ଜୋରଦାର ଝଟକା ଦେବା ପାଇଁ ଗୋଟି ଚଳାଇବା ଆରମ୍ଭ କରିଦେଇଛନ୍ତି ।



# ଅବିଭକ୍ତ କୋରାପୁଟ ବିଜେପିରେ ଛକାପଞ୍ଝା

# କିଏ ପାଇବେ ନିଗମ ?

**ରାୟଗଡ଼ାରୁ ଟି. ଅଶୋକ କୁମାର**


ବିଜେପି ସରକାର ଗଠନ କରିବାର ୧୮ ମାସ ବିତିଗଲାଣି । ହେଲେ ଏବେବି ରାଜ୍ୟରେ ଥିବା ଅନେକ ନିଗମ ସହ ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ପଦ ପୂରଣ ହୋଇପାରିନାହିଁ । ପରାଜିତ ବିଜେପି ବିଧାୟକ, ସାଂସଦ ପ୍ରାର୍ଥୀଙ୍କ ସହ ଜିଲ୍ଲାରେ ଥିବା ବରିଷ୍ଠ ବିଜେପି ନେତା ଏବେ ନିଗମରେ ନିଯୁକ୍ତି ନେଇ ଆଶା ଆଶଙ୍କାରେ ରହିଛନ୍ତି । ନୂଆବର୍ଷରେ ନିଗମ ନିଯୁକ୍ତିର ସମ୍ଭାବନା ଥିବାରୁ ଏବେ କୋରାପୁଟ ଓ ରାୟଗଡ଼ାରେ ଝକାପଞ୍ଝା ଆରମ୍ଭ ହୋଇଯାଇଛି ।

ରାଜ୍ୟରେ ଏକାକୀ ସରକାର ଗଠନ ସହ ୨୧ ଲୋକସଭାରୁ ୨୦ ଲୋକସଭା ବିଜେପି ହାତେଇନେଇଛି । ତେବେ କୋରାପୁଟ ଲୋକସଭା ଆସନ କଂଗ୍ରେସକୁ ଚାଲି ଯାଇଥିବାବେଳେ ରାୟଗଡ଼ା ଓ କୋରାପୁଟର ଅନେକ ବିଧାନସଭାରେ କଂଗ୍ରେସ ବାଜିମାତ୍ କରିଛି । ତେଣୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଫୋକସରେ କୋରାପୁଟ ଲୋକସଭା କ୍ଷେତ୍ର ରହିଛି । ଅନେକ ମନ୍ତ୍ରୀ ଓ ବରିଷ୍ଠ ନେତାମାନଙ୍କ ସମେତ ନିଜେ ମୁଖ୍ୟମନ୍ତ୍ରୀ, ରାଜ୍ୟ ବିଜେପି ସଭାପତି କୋରାପୁଟ ଲୋକସଭା ଅନ୍ତର୍ଗତ ରାୟଗଡା ଓ କୋରାପୁଟରେ ଘନଘନ ଗସ୍ତ ଜାରି ରଖିଛନ୍ତି ।

ଅବିଭକ୍ତ କୋରାପୁଟ ଜିଲ୍ଲାରେ ମୁଖ୍ୟତଃ ନବରଙ୍ଗପୁର ଲୋକସଭାରୁ ବରିଷ୍ଠ ବିଜେପି ନେତା ତଥା ପୂର୍ବତନ ସାଂସଦ ପର୍ଶୁରାମ ମାଝି ଓ ବରିଷ୍ଠ ବିଜେପି ନେତା ରମେଶ ଚନ୍ଦ୍ର ସାହୁ, ସେହିପରି କୋରାପୁଟ ଲୋକସଭାରୁ କୋରାପୁଟ ସାଂସଦ ପ୍ରାର୍ଥୀ କାଳୀରାମ ମାଝି, ପୂର୍ବତନ ଜିଲ୍ଲା ବିଜେପି ସଭାପତି ଶିବ ଶଙ୍କର ଉଲାକା, ପୂର୍ବତନ ରାଜ୍ୟ ବିଜେପି ଓବିସି ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ବେହେରା, ପୂର୍ଣ୍ଣିମା ନାୟକ, ଜୟପୁର ବିଜେପି ବିଧାୟକ ପ୍ରାର୍ଥୀ ଗୌତମ ସାମନ୍ତରାୟ, ହିମାଂଶୁ ମହାପାତ୍ର ପ୍ରମୁଖ ନିଗମ ରେସରେ ରହିଛନ୍ତି । ଏମାନଙ୍କ ମଧ୍ୟରୁ ରମେଶ ଚନ୍ଦ୍ର ସାହୁଙ୍କୁ ମାଲକାନଗିରି, ପୂର୍ଣ୍ଣିମା ନାୟକଙ୍କୁ ରାଜ୍ୟ ବିଜେପି ସାଧାରଣ ସାମ୍ପାଦିକା ସହ ନବରଙ୍ଗପୁର ଜିଲ୍ଲା ପ୍ରଭାରୀ ଭାବେ ଦାୟିତ୍ୱ ଦେଇଛି ଦଳ । ହେଲେ ପୂର୍ଣ୍ଣିମା ଓ ରମେଶଙ୍କୁ ନିଗମ ଓ ଯୋଜନା ବୋର୍ଡରେ ସାମିଲ କରିବେ କି ନାହିଁ ତାହା ଦଳର ନିଜସ୍ୱ ବ୍ୟାପାର । ଏବେ ରହିଲେ ବର୍ଷୀୟାନ ବିଜେପି ନେତା ତଥା ପୂର୍ବତନ ସାଂସଦ ପର୍ଶୁରାମ । ଗତ ୨୦୨୪ରେ ପୁନଃ ସାଂସଦ ପ୍ରାର୍ଥୀ ପାଇଁ ଆଶାୟୀ ଥିଲେବି ଶେଷ ମୁହୂର୍ତ୍ତରେ ସ୍ଥିତି ବଦଳିଗଲା । ପୂର୍ବତନ ସାଂସଦ ବଳଭଦ୍ର ମାଝୀ ସାଂସଦ ପ୍ରାର୍ଥୀ ହୋଇ ନିର୍ବାଚିତ ହେଲେ । ତେଣୁ ପର୍ଶୁରାମ ନିଗମ ପାଇଁ ଦୃଢ଼ ଦାବିଦାର ଅଛନ୍ତି । ସେହିପରି କୋରାପୁଟ ଲୋକସଭାରୁ ସାଂସଦ ପ୍ରାର୍ଥୀ କାଳୀରାମ ମାଝିଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେଇପାରେ ଦଳ । କାହିଁକିନା ଶ୍ରୀ ମାଝି ପୂର୍ବରୁ ରାୟଗଡା ବିଧାୟକ ପ୍ରାର୍ଥୀ ସହ ରାଜ୍ୟ ବିଜେପି ଆଦିବାସୀ ମୋର୍ଚ୍ଚା ସଭାପତି ସାଙ୍ଗକୁ କେନ୍ଦ୍ରୀୟ ବିଜେପି ଆଦିବାସୀ ମୋର୍ଚ୍ଚାର ଉପ ସଭାପତି ଥିଲେ । ସେପଟେ କୋରାପୁଟ ସାଂସଦ ସପ୍ତଗିରି ଉଲାକାଙ୍କୁ କାଉଣ୍ଟର ବା ଟକ୍କର ଦେବା ପାଇଁ ବଡ ଭାଇ ତଥା ବରିଷ୍ଠ ବିଜେପି ନେତା ଶିବ ଶଙ୍କର ଉଲାକାଙ୍କୁ ମଧ୍ୟ ଦଳ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ନିୟୋଜିତ କରିପାରେ । ଶିବଶଙ୍କର ଉଲାକା ଗତ ୨୦୧୪ ସାଧାରଣ ନିର୍ବାଚନରେ କୋରାପୁଟ ସାଂସଦ ପ୍ରାର୍ଥୀ ସହ ୨୦୧୯ରେ ରାୟଗଡା ଜିଲ୍ଲା ବିଷମକଟକ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ଲଢିଥିଲେ । ଏହାସହ ରାୟଗଡ଼ା ଜିଲ୍ଲା ବିଜେପି ସଭାପତି ଦାୟିତ୍ୱରେ ଥିଲେ ।

ଜିଲ୍ଲାର ଆଉ ଜଣେ ବରିଷ୍ଠ ନେତା ତଥା ପୂର୍ବତନ ରାଜ୍ୟ ବିଜେପି ଓବିସି ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ବେହେରା ଜଣେ ତୃଣମୂଳସ୍ତରୀୟ ସଂଗଠକ । ରାମଚନ୍ଦ୍ର ରାୟଗଡା ଜିଲ୍ଲା ମୁନିଗୁଡ଼ା ବ୍ଲକରୁ ଦୁଇ ଦୁଇ ଥର ସମିତିସଭ୍ୟ ସହ ଥରେ (୨୦୧୭-୨୨) ବିଜେପିରୁ ଜିଲ୍ଲା ପରିଷଦ ସଭ୍ୟ ଭାବେ ନିର୍ବାଚିତ ହୋଇଛନ୍ତି । ସେପଟେ ଜିଲ୍ଲା ବିଜେପିର ସାଂଗଠନିକ ପଦପଦବୀ ମଣ୍ଡନ ସହ ଦୁଇ ଦୁଇ ଥର ରାଜ୍ୟ ବିଜେପି ଓବିସି ମୋର୍ଚ୍ଚା ଉପ ସଭାପତି ରହିଛନ୍ତି । ରାୟଗଡା ଜିଲ୍ଲାରେ ଦଳକୁ ସୁଦୃଢ ନିମନ୍ତେ ତାଙ୍କୁ ଦଳ ଓ ସରକାର ଭଲ ଦାୟିତ୍ୱ ଦେବେ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ।


















ରାଜ୍ୟ ବିଜେପି ପାଇଁ କୋରାପୁଟ ଲୋକସଭା ସମେତ ଅବିଭକ୍ତ କୋରାପୁଟ ଜିଲ୍ଲାର ଗୋଟିଏ ମାତ୍ର ସାଧାରଣବର୍ଗଙ୍କ ନିମନ୍ତେ ଉଦ୍ଦିଷ୍ଟ ହେଉଛି ଜୟପୁର ବିଧାନସଭା ନିର୍ବାଚନମଣ୍ଡଳୀ। ଜୟପୁର ହେଉଛି ହେଭିୱେଟଙ୍କ ନିର୍ବାଚନ ମଣ୍ଡଳୀ। ଏହା ଏକ ପ୍ରକାର କଂଗ୍ରେସର ଗଡ ଥିଲା। ଏଠାରେ ଲଗାତାର ଭାବେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ଅର୍ଥ ଓ ଆଇନ ମନ୍ତ୍ରୀ ରଘୁନାଥ ପଟ୍ଟନାୟକ ବିଜୟୀ ହେଉଥିଲେ। ହେଲେ ୨୦୦୦ ମସିହାରେ କଂଗ୍ରେସ ବିରୋଧରେ ଏକ ଲହରରେ ରାଜ୍ୟରେ ବିଜେଡ଼ି କ୍ଷମତାକୁ ଆସିଲା । ଜୟପୁରରେ ବରିଷ୍ଠ ବିଜେଡ଼ି ନେତା ତଥା ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ ଡେବ୍ୟୁ କଲେ। ଲଗାତାର ୨୦୦୦-୨୦୧୪ ଯାଏ ତିନିଥର ବିଧାୟକ ଭାବେ ନିର୍ବାଚିତ ହୋଇ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ ।

ସେପଟେ ୨୦୦୯ ରେ ସୀମା ପୁନଃ ନିର୍ଦ୍ଧାରଣ ପରେ ବରିଷ୍ଠ କଂଗ୍ରେସ ନେତା ତାରାପ୍ରସାଦ ବାହିନୀପତି ଜୟପୁରରୁ ଲଢ଼ିଲେ। ୨୦୦୯ ରେ କଂଗ୍ରେସ ଟିକେଟ ନଦେବାରୁ ବିଜେପି ଟିକେଟରେ ରବି ନନ୍ଦଙ୍କ ଠାରୁ ପରାସ୍ତ ହୋଇଥିଲେ ତାରା । କିନ୍ତୁ ୨୦୧୪, ୨୦୧୯ ଓ ୨୦୨୪ରେ ନିଜର ସଂଗଠନ ସୁଦୃଢ କରି ନବୀନ ଓ ମୋଦୀଙ୍କ କ୍ରେଜକୁ ମାତ୍ ଦେଇ ସେ ହାଟ୍ରିକ ବିଧାୟକ ହୋଇପାରିଛନ୍ତି। ରବି ଓ ତାରାଙ୍କୁ ମାତ୍ ଦେବାକୁ ହେଲେ ଜୟପୁର ନିର୍ବାଚନ ମଣ୍ଡଳୀକୁ ବିଜେପି ଗୁରୁତ୍ୱ ଦେବାକୁ ପଡିବ। ଜୟପୁର ନିର୍ବାଚନ ମଣ୍ଡଳୀରେ ଯୁବନେତା ତଥା ବିଧାୟକ ପ୍ରାର୍ଥୀ ଗୌତମ ସାମନ୍ତରାୟ ଓ ହିମାଂଶୁ ମହାପାତ୍ର ନିଗମକୁ ନେଇ ଅଙ୍କକଷା ଜାରି ରଖିଛନ୍ତି। ଗୌତମ ହେଉଛନ୍ତି ଧର୍ମେନ୍ଦ୍ରଙ୍କ ଅନୁଗତ, ଯେତେବେଳେକି ହିମାଂଶୁ ହେଉଛନ୍ତି ମନମୋହନଙ୍କ ଅନୁଗତ। ଯାହାକୁ ନେଇ ସଂଗଠନରେ ଶୀତଳ ଯୁଦ୍ଧ ବି ଜାରିରହିଛି। ନୂଆବର୍ଷରେ ଅବିଭକ୍ତ କୋରାପୁଟରେ କେଉଁ ନେତାଙ୍କୁ ଦଳ ଗୁରୁତ୍ୱ ଦେବ ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି । ଏଭଳି ସ୍ଥିତିରେ ଦଳରେ ହେଉଥିବା ଚର୍ଚ୍ଚା ଅନୁଯାୟୀ, ସାଂଗଠନିକ ପଦପଦବୀ ବା ବିଧାୟକ ଟିକେଟ ପାଇଥିଲେ ସେମାନଙ୍କୁ ଦଳ ନିଗମ ଦେବ ନାହିଁ। ସାଙ୍ଗଠନିକ ପଦବୀ ନା ନିଗମ, ଏଥିରୁ ଗୋଟିକୁ ବାଛିବାକୁ ପଡ଼ିବ ବୋଲି ଶୁଣିବାକୁ ମିଳୁଛି।

## କାମାକ୍ଷାନଗର ରାଜନୀତି

# କିଏ ଧରିବେ ବିଜେଡ଼ି ମଙ୍ଗ ?

୨୦୨୪ ନିର୍ବାଚନ ପରଠାରୁ କାମାକ୍ଷାନଗର ରାଜନୀତିର ମୋଡ଼ ବଦଳିଯାଇଛି। ୨୦୦୪ରୁ ଲଗାତର ୪ ଥର ବିଧାୟକ ହୋଇଥିବା ପ୍ରଫୁଲ୍ଲ ମଲ୍ଲିକଙ୍କୁ ପରାଜୟର ସାମ୍ନା କରିବାକୁ ପଡ଼ିଛି । ସେପଟେ ପ୍ରଥମ ଥର ପାଇଁ ବିଜେପି କାମାକ୍ଷାନଗର ହାତେଇବା ପରେ ଦଳ ପ୍ରତି ସାଧାରଣ ଲୋକେ ଢଳୁଥିବା ଲକ୍ଷ୍ୟ କରାଯାଉଛି। ଏସବୁ ଭିତରେ ବଡ଼ କଥାଟି ହେଉଛି ପ୍ରଫୁଲ୍ଲଙ୍କୁ ବିଜେଡ଼ି ଦଳରୁ ନିଲମ୍ବିତ କରିଛି। ଆଉ ସେ ଦଳକୁ ଫେରିବାର ଚାନ୍ସ ହିଁ ନାହିଁ। ପାଣ୍ଡିଆନଙ୍କୁ ବାରମ୍ବାର ଟାର୍ଗେଟ୍ କରିବା ପରେ ଏହା ସ୍ପଷ୍ଟ ହୋଇଯାଇଛି । ପ୍ରଫୁଲ୍ଲଙ୍କ ପରେ ଏଠାରେ ବିଜେଡ଼ିର ମଙ୍ଗ କିଏ ଧରିବେ ତାହାକୁ ନେଇ ଏବେ ଶୀତଳଯୁଦ୍ଧ ଆରମ୍ଭ ହୋଇଯାଇଛି। ଯାହାକି ବିଜେଡ଼ି କର୍ମୀମାନଙ୍କୁ ଅସ୍ତବ୍ୟସ୍ତ କରିପକାଇଛି। ସେପଟେ ବିଜେପି ବିଧାୟକ ଶତ୍ରୁଘ୍ନ ଜେନା ପୂର୍ବରୁ କଂଗ୍ରେସରେ ବି ଥିଲେ। ଉଭୟ କଂଗ୍ରେସ ଓ ବିଜେଡ଼ି ନେତୃତ୍ୱବିହୀନ ହୋଇଥିବାରୁ ପଞ୍ଚାୟତ ନିର୍ବାଚନ ପାଇଁ ସେ ଗୋଟି ଚଳାଇବା ଆରମ୍ଭ କରିଦେଇଛନ୍ତି। ଢେଙ୍କାନାଳ ଜିଲ୍ଲାରେ ବି ବିଜେପିର ପ୍ରଭାବ ବଢ଼ିବାରେ ଲାଗିଥିବାରୁ ବିଜେଡ଼ି ସମର୍ଥିତ ଅନେକ ସରପଞ୍ଚ ଓ ସମିତିସଭ୍ୟ ବିଜେପି ମୁହାଁ ହେଉଥିବା ଲକ୍ଷ୍ୟ କରାଯାଉଛି।

ପ୍ରଫୁଲ୍ଲ ବାବୁ ଅଘୋଷିତ ଭାବେ ରାଜନୀତିରୁ ଅବସର ନେଇଥିବା କୁହାଯାଉଛି। ଯେଉଁଥିପାଇଁ ସେ ଆଉ ସକ୍ରିୟ ରହୁନାହାନ୍ତି। ବିଜେପି ସହ ବି ଯୋଗସୂତ୍ରରେ ନଥିବା କୁହାଯାଉଛି। ଗତ ସେପ୍ଟେମ୍ବରରେ ସେ ଦଳରୁ ନିଲମ୍ବିତ ହେବା ପରେ ପୂରା ଗୁମସୁମ ରହୁଛନ୍ତି । ଏମିତିକି ତାଙ୍କୁ ନେଇ ଆଉ ଆଗଭଳି ଚର୍ଚ୍ଚା ବି ହେଉନାହିଁ। ତେବେ କାମାକ୍ଷାନଗରରେ ବିଜେଡ଼ିକୁ ମଜବୁତ କରିବାକୁ ଢେଙ୍କାନାଳ ସାଂସଦ ପ୍ରାର୍ଥୀ ଅବିନାଶ ସାମଲ ଅଣ୍ଟା ଭିଡିଛନ୍ତି। ସେ ନିଜେ ଆସି ତିନି ଚାରୋଟି ସଭା ବି କରିସାରିଲେଣି। ସେପଟେ ପ୍ରଫୁଲ୍ଲଙ୍କ ପରେ ବିଜେଡ଼ିର ମଙ୍ଗ ଧରିବାକୁ ଅନ୍ୟ ଦୁଇ ପ୍ରଭାବଶାଳୀ ନେତାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ ହୋଇଯାଇଛି। ଭୁବନ ବ୍ଲକ ଓ କାମାକ୍ଷାନଗର ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ ଓ କାମାକ୍ଷାନଗର ଏନଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ ହୋଇଯାଇଛି। ନିଜକୁ ମୂଳ ବିଜେଡି ବୋଲି କହି ସେମାନେ ଶୂନ୍ୟସ୍ଥାନ ପୂରଣ କରିବାକୁ ଯଥେଷ୍ଟ ଉଦ୍ୟମ କରୁଛନ୍ତି। ସେହିପରି ସମାନ୍ତରାଳ ଭାବେ ନିଜ ନିଜର ବ୍ୟକ୍ତିଗତ ସଂଗଠନ କରିବା ସହ ବିଜେଡ଼ି କର୍ମୀମାନଙ୍କୁ ନିଜ ସପକ୍ଷକୁ ନେଉଥିବା ଲକ୍ଷ୍ୟ କରାଯାଉଛି।










ସେହିପରି ଭୁବନ ଏନଏସିର ପୂର୍ବତନ ଅଧ୍ୟକ୍ଷ ଶୁଭେନ୍ଦୁ ସାହୁ ବି ଭୁବନରେ ଏକପାଖିଆ ବିଜେଡି ମେଳି କରିବାକୁ ଭିତିରିଆ ଚେଷ୍ଟା ଚଳେଇଛନ୍ତି । ଶୁଭେନ୍ଦୁଙ୍କୁ ମାନ୍ୟବର ଉଚ୍ଚ ଅଦାଲତ ଅଧ୍ୟକ୍ଷ ପଦରୁ ପଦଚ୍ୟୁତ କରିସାରିବା ପରେ ଭୁବନ ବିଜେଡିରେ ବାଦିପାଲା ଆରମ୍ଭ ହୋଇଯାଇଛି। ଯାହାର ଫାଇଦା ଉଠାଉଛନ୍ତି ଶତ୍ରୁଘ୍ନ । ବହୁ ବିଜେଡି କର୍ମୀଙ୍କୁ ସେ ବିଜେପିରେ ମିଶେଇ ସାରିଲେଣି। ଏପରିକି ଭୁବନ ବିଜେଡି ବ୍ଲକ ଉପାଧ୍ୟାକ୍ଷାଙ୍କୁ ନିଜ ସାଙ୍ଗରେ ନେଇସାରିଲେଣି। କେତେକ ବିଜେଡି ସରପଞ୍ଚ ନିଜ ବକେୟା ବିଲ ପାସ ଆଳରେ ବିଜେପିରେ ମିଶିବା ସହ ବର୍ଷା ଯୁଆଡେ ଛତା ସିଆଡେକୁ ଠିକ୍ ବୋଲି ପ୍ରତିପାଦିତ କରିସାରିଲେଣି।



## କେରଳରେ 'ବାମ' ଦଳକୁ ଝଟ୍‌କା

# ଉଠିଲା 'ହାତ', ଫୁଟିଲା 'ପଦ୍ମ'

ନୂଆ ମୋଡ଼ ନେଇଛି କେରଳ ରାଜନୀତି। ଶାସକ ଏଲଡ଼ିଏଫ ପାଇଁ ପୌର ଓ ପଞ୍ଚାୟତ ନିର୍ବାଚନ ସତର୍କ ଘଣ୍ଟି ବଜାଇଛି। ଆଉ ମାତ୍ର ଚାରି ମାସ ପରେ କେରଳ ବିଧାନସଭା ନିର୍ବାଚନ । କିନ୍ତୁ ଏହି ଫଳାଫଳ ବାମଦଳଗୁଡ଼ିକର ନିଦ ହଜାଇ ଦେଇଛି କହିଲେ ଭୁଲ୍ ହେବନାହିଁ । ସବୁଠାରୁ ବଡ଼ କଥାଟି ହେଉଛି କଂଗ୍ରେସ ଦମ୍‌ଦାର ପ୍ରଦର୍ଶନ କରିଥିବାବେଳେ ବିଜେପି ବି ଉପସ୍ଥିତି ଜାହିର କରିବାରେ ସଫଳ ହୋଇଛି । ଏମିତିକି କେରଳର ରାଜଧାନୀ ଥିରୁଭନନ୍ତପୁରମ୍ ମହାନଗର ନିଗମରେ ବିଜେପି ଅଧା ଆସନ ହାତେଇବା ଉଭୟ ବାମ ଦଳ ଓ କଂଗ୍ରେସକୁ ବି ଚକିତ କରିଦେଇଛି।



ପ୍ରସଙ୍ଗ ଭିତରକୁ ଯିବା ପୂର୍ବରୁ କେରଳର ପୌର ଓ ପଞ୍ଚାୟତ ନିର୍ବାଚନର ଫଳାଫଳ ଉପରେ ଟିକେ ଆଖି ପହଁରାଇ ଆଣିବା। ୨୦୨୦ରେ ୫ଟି ମହାନଗର ନିଗମ ହାତେଇଥିବା ଏଲଡ଼ିଏଫ ଏଥର ଗୋଟିଏରେ ସୀମିତ ଥିବାବେଳେ କଂଗ୍ରେସ ନେତୃତ୍ୱାଧୀନ ୟୁଡ଼ିଏଫ ୪ଟିରେ ଜିତାପଟ ମାରିଛି। ଅପରପକ୍ଷରେ ବିଜେପି ନେତୃତ୍ୱାଧୀନ ଏନଡ଼ିଏ ବି ଗୋଟିଏ ମହାନଗର ନିଗମ ହାତେଇବାରେ ସଫଳ ହୋଇଛି। ସେହିପରି ୨୦୨୦ରେ ୪୩ ମୁନିସପାଲଟି ଅକ୍ତିଆର କରିଥିବା ବାମଦଳ ଏଥର ୨୮ରେ ସୀମିତ ଥିବାବେଳେ କଂଗ୍ରେସ ୫୪କୁ ବୃଦ୍ଧି ପାଇଛି। ବିଜେପି ବି ୨ ମୁନିସପାଲଟି କରାୟତ୍ତ କରିପାରିଛି। ତେବେ ଜିଲ୍ଲା ପଞ୍ଚାୟତରେ ବାମ ଦଳ ଓ କଂଗ୍ରେସ ସମାନ ଭାବେ ଉପସ୍ଥିତି ଜାହିର କରିପାରିଛନ୍ତି । ସେହିପରି ୨୦୨୦ରେ ବାମମେଣ୍ଟ ୧୦୮ ବ୍ଲକ ପଞ୍ଚାୟତରେ ରାଜ୍ କରିଥିବାବେଳେ ଏଥର ତାହା ୬୩କୁ ଖସିଆସିଛି। ଯେତେବେଳେକି କଂଗ୍ରେସର ସ୍ଥିତି ୩୮ରୁ ୭୯କୁ ବୃଦ୍ଧିପାଇଛି। ଏତଦବ୍ୟତୀତ ବାମ ଦଳଗୁଡ଼ିକ ୩୪୧ ପଞ୍ଚାୟତ ଅକ୍ତିଆର କରିଥିବାବେଳେ କଂଗ୍ରେସ ୫୦୪ ଓ ବିଜେପି ୨୬ ପଞ୍ଚାୟତ ଦଖଲ କରିପାରିଛନ୍ତି।

ଭାରତୀୟ ଜନତା ପାର୍ଟି (ବିଜେପି) ପ୍ରାୟ ପାଞ୍ଚ ଦଶନ୍ଧିର ଇତିହାସରେ ପ୍ରଥମ ଥର ପାଇଁ କେରଳ ରାଜଧାନୀରେ କ୍ଷମତା ଦଖଲ କରିଛି । ଥିରୁବନନ୍ତପୁରମର ୧୦୧ଟି ପୌର ୱାର୍ଡ ମଧ୍ୟରୁ ୫୦ଟିରେ ବିଜୟୀ ହୋଇଛି । ୧୯୮୦ ମସିହାରୁ ନିଗମକୁ ପ୍ରାୟତଃ ଅପ୍ରତିଦ୍ୱନ୍ଦ୍ୱୀ ଭାବରେ ଶାସନ କରୁଥିବା ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ସିପିଆଇ (ଏମ୍) ପାଇଁ ପରାଜୟ କେବଳ ଏକ ନିର୍ବାଚନୀ ପରାଜୟ ନଥିଲା - ଏହା ବାମପନ୍ଥୀମାନଙ୍କର ସର୍ବପୁରାତନ ସହରାଞ୍ଚଳ ଗଡର ପତନ ପ୍ରତୀକ ଥିଲା କହିଲେ ଭୁଲ ହେବ ନାହିଁ । ଖାଲି ଥିରୁବନନ୍ତପୁରମର ନୁହେଁ ଶେଷ ହୋଇଥିବା ନିର୍ବାଚନରେ ସାରା ରାଜ୍ୟର ଯେଉଁ ଚିତ୍ର ସାମ୍ନାକୁ ଆସିଛି ତାହା ସର୍ବଭାରତୀୟ ସ୍ତରରେ ବାମ ପନ୍ଥୀ ରାଜନୀତି ପାଇଁ ଅତ୍ୟନ୍ତ ଚିନ୍ତାଜନକ ।

ଏମିତି ମଧ୍ୟ କେରଳର ରାଜନୈତିକ ପୃଷ୍ଠଭୂମିକୁ ଅନୁସରଣ କଲେ ପୌର ଓ ପଞ୍ଚାୟତ ନିର୍ବାଚନକୁ ଅନେକ ରାଜନୈତିକ ବିଶେଷଜ୍ଞ ସେମିଫାଇନାଲ ମ୍ୟାଚ ଭାବେ ବିବେଚନା କରିଥାନ୍ତି । କାରଣ ପୌର ନିର୍ବାଚନର ଫଳାଫଳ ହିଁ ସବୁବେଳେ ରାଜ୍ୟ ବିଧାନସଭା ନିର୍ବାଚନ ଫଳକୁ ପ୍ରଭାବିତ କରିଛି । ଯେଉଁ ଦଳ ପୌର ନିର୍ବାଚନରେ ସଫଳ ହୋଇଛି ସେହି ଦଳ ହିଁ ପରବର୍ତ୍ତୀ ସମୟରେ କେରଳରେ ସରକାର ଗଢ଼ିଛି । ତେବେ ଏହି ନିର୍ବାଚନ ଫଳାଫଳ ଆଉ ଏକ ବାର୍ତ୍ତା ଦେଇଛି, ପୂର୍ବ ଭଳି ଆଉ ବାମ ଗଡରେ ନିର୍ବାଚନ କେବଳ ଦୁଇ ପାଖିଆ ନୁହେଁ ଏବେ ତ୍ରିମୁଖୀ ଲଢ଼େଇ ହେବା ସୁନିଶ୍ଚିତ ହୋଇଛି । ଭାରତୀୟ ବାମପନ୍ଥୀ ରାଜନୀତିକୁ ନିକଟରୁ ଅନୁସରଣ କରୁଥିବା ଲୋକ ଜାଣନ୍ତିଯେ, ବାମ ଦଳ ପାଇଁ ଏହି ପରାଜୟର ବୋଝ କେତେ ଭାରି । କାରଣ କେରଳ ହେଉଛି ଭାରତୀୟ ବାମପନ୍ଥୀଙ୍କ ଶେଷ ଗଡ଼। ଯଦି ବାମପନ୍ଥୀ ଡେମୋକ୍ରାଟିକ୍ ଫ୍ରଣ୍ଟ (ଏଲଡିଏଫ୍) ଆସନ୍ତା ବର୍ଷର ବିଧାନସଭା ନିର୍ବାଚନରେ ପରାଜିତ ହୁଏ, ତେବେ ୧୯୭୦ ଦଶକ ପରେ ପ୍ରଥମ ଥର ପାଇଁ କମ୍ୟୁନିଷ୍ଟ ଦଳଗୁଡ଼ିକ ଭାରତରେ କୌଣସି ସ୍ଥାନରେ ରାଜ୍ୟ ସରକାରରେ ରହିବ ନାହିଁ । ଏହା ସେମାନଙ୍କର ସାଂଗଠନିକ କ୍ଷମତା ଏବଂ ଜାତୀୟ ପ୍ରାସଙ୍ଗିକତା ପାଇଁ ଏକ ଭୟଙ୍କର ବିପଦ ସୃଷ୍ଟି କରିବ ।

୧୯୬୦ ଦଶକର ଶେଷ ଭାଗରୁ, ସିପିଆଇ (ଏମ୍) ପ୍ରାୟ ନିରନ୍ତର ଭାବରେ ଅତି କମରେ ଗୋଟିଏ ରାଜ୍ୟରେ ସରକାରରେ ରହିଛି । କେରଳ, ପଶ୍ଚିମବଙ୍ଗ ଓ ତ୍ରିପୁରା ବାମ ଦଳର ପ୍ରମୁଖ ରାଜ୍ୟ। ପଶ୍ଚିମବଙ୍ଗରେ ବାମ ମୋର୍ଚ୍ଚା ସରକାର, ୧୯୭୭ ରୁ ୨୦୧୧ ପର୍ଯ୍ୟନ୍ତ



ଚାଲିଥିଲା। ତାହାଥିଲା ବିଶ୍ୱ ଇତିହାସରେ ସବୁଠାରୁ ଦୀର୍ଘକାଳୀନ ନିର୍ବାଚିତ କମ୍ୟୁନିଷ୍ଟ ସରକାର। ଯେତେବେଳେ ତାହା ଭାଙ୍ଗିଗଲା, ତ୍ରିପୁରାରେ ବାମ ଦଳ ନିଜ ନିରନ୍ତରତା ବଜାୟ ରଖିଥିଲା । ତେବେ ୨୦୧୧ରୁ ପଶ୍ଚିମବଙ୍ଗ ଓ ୨୦୧୮ ରୁ ତ୍ରିପୁରାରେ ମଧ୍ୟ ବାମ ମୋର୍ଚ୍ଚା ଆଉ ସରକାରରେ ନାହିଁ । ଏଭଳି କ୍ଷେତ୍ରରେ କେରଳ ହିଁ କେବଳ ବାମ ଦଳର ମାନ ରଖିଛି । ଯଦି ୨୦୨୬ ମେ ମାସରେ ହେବାକୁ ଯାଉଥିବା ୧୪୦ ସିଟ୍ ବିଶିଷ୍ଟ ରାଜ୍ୟ ବିଧାନସଭା ନିର୍ବାଚନରେ ବାମ ଦଳ ପୌର ନିର୍ବାଚନର ଧାରାକୁ ବଜାୟ ରଖେ ତେବେ ୧୯୬୦ ଦଶକ ପରେ ପ୍ରଥମ ଥର ପାଇଁ ଭାରତୀୟ କମ୍ୟୁନିଷ୍ଟମାନଙ୍କର କୌଣସି ରାଜ୍ୟରେ ସରକାର ରହିବ ନାହିଁ । ନିଜ ଶେଷ ଗଡ଼ରେ ବାମ ଦଳର ପୁନଃରୁଦ୍ଧାର ହେଉଛି କି ପତନ ହେଉଛି ତାହା ଜାଣିବା ପାଇଁ ମେ ୨୦୨୬ର ନିର୍ବାଚନ ପର୍ଯ୍ୟନ୍ତ ଅପେକ୍ଷା ରହିବ ।

ଶାଶ୍ୱତ ଓଡ଼ିଆ

# ନୀତିନଙ୍କ ହାତରେ ବିଜେପି ମଙ୍ଗ

ଜେପି ନଡ୍ଡାଙ୍କ ପରେ କିଏ ? ଗତ ବର୍ଷେ କାଳ ଜାତୀୟ ରାଜନୀତିରେ ଏହି ଚର୍ଚ୍ଚା ହୋଇ ଆସୁଥିଲା । ଅନେକ ହେଭିୱେଟ୍ ନେତାଙ୍କ ନାମ ବି ଶୁଣିବାକୁ ମିଳୁଥିଲା । ହେଲେ ଏବେ ଏହାର ଉତ୍ତର ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅମିତ ଶାହ । ଗଣମାଧ୍ୟମରେ ଆଦୌ ଚର୍ଚ୍ଚାରେ ନଥିବା ଜଣେ ନେତାଙ୍କୁ ଭବିଷ୍ୟତର ସଭାପତି ଭାବେ ସଂକେତ ଦେଇଛନ୍ତି ମୋଦି ଓ ଶାହ । ବିହାରର ଯୁବ ନେତା ତଥା ୫ ଥରର ବିଧାୟକ ନୀତିନ ନବୀନଙ୍କୁ ବିଜେପିର ଜାତୀୟ କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତି ଦିଆଯାଇଛି । ସଂସଦୀୟ ବୋର୍ଡ଼ ତାଙ୍କ ନାମରେ ମୋହର ଲଗାଇଛି । ଏବେକାର ସଭାପତି ଜେପି ନଡ୍ଡା ବିଜେପିର ମଙ୍ଗ ଧରିବା ପୂର୍ବରୁ କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତି ପାଇଥିଲେ ।



## ବୟସ ୪୫; ୫ ଥର ବିଧାୟକ

ନୀତିନ ନବୀନଙ୍କ ବୟସ ମାତ୍ର ୪୫ । ୧୯୮୦ ମସିହା ମେ' ୨୩ରେ ସେ ଝାରଖଣ୍ଡର ରାଞ୍ଚିରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ବାପା ହେଉଛନ୍ତି ନବୀନ କିଶୋର ପ୍ରସାଦ ସିହ୍ନା । ବିହାର ବିଜେପିର ଜଣେ ଟାଣୁଆ ନେତା ଭାବେ ସେ ପରିଚିତ ଥିଲେ । ତେବେ ବାପାଙ୍କ ଅକାଳ ବିୟୋଗ ଯୋଗୁଁ ୨୦୦୬ ଉପନିର୍ବାଚନରେ ସେ ପ୍ରଥମ ଥର ପାଇଁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ନିଜର ସାଙ୍ଗଠନିକ ଦକ୍ଷତା ଯୋଗୁଁ ୨୦୧୦, ୨୦୧୫, ୨୦୨୦ ଓ ୨୦୨୫ରେ ବି ସେ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି । ଗତ ବିହାର ବିଧାନସଭା ନିର୍ବାଚନରେ ସେ ୫୨ ହଜାର ଭୋଟରେ ବିପୁଳ ବିଜୟ ହାସଲ କରିପାରିଥିଲେ । ଏବେ ସେ ବିହାର ସରକାରରେ ମନ୍ତ୍ରୀ ମଧ୍ୟ ଥିଲେ ।

## କିଏ ଥିଲେ ଚର୍ଚ୍ଚାରେ ?

ହରିୟାଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ମନୋହର ଲାଲ ଖଟ୍ଟର, କେନ୍ଦ୍ରମନ୍ତ୍ରୀ ତଥା ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସଂଜୟ ଯୋଶୀଙ୍କ ନାମ ଚର୍ଚ୍ଚାରେ ରହିଥିଲା । ସେହିପରି ବିଜେପି ଜଣେ ମହିଳାଙ୍କୁ ରାଷ୍ଟ୍ରୀୟ ସଭାପତି କରିପାରେ ବୋଲି ଚର୍ଚ୍ଚା ହେଉଥିବାରୁ ନିର୍ମଳା ସୀତାରମନ୍, ଡି ପୁରନ୍ଦେଶ୍ୱରୀ ଓ ବନାଥି ଶ୍ରୀନିବାସନଙ୍କ ନାମ ବି ଶୁଣିବାକୁ ମିଳୁଥିଲା ।


## ସର୍ବକନିଷ୍ଠ ସଭାପତି !

୨୦୧୯ ଲୋକସଭା ନିର୍ବାଚନ ପରେ ଜେପି ନଡ୍ଡାଙ୍କୁ କାର୍ଯ୍ୟକାରୀ ସଭାପତି କରାଯାଇଥିଲା । ପରେ ତାଙ୍କୁ ବିଧିବଦ୍ଧ ଭାବେ ଜାତୀୟ ସଭାପତି ଭାବେ ନିଯୁକ୍ତି ମିଳିଥିଲା । ଠିକ୍ ସେହିପରି ଆସନ୍ତା ଜାନୁଆରୀରେ ନୀତିନଙ୍କୁ ଦଳ ସଭାପତି କରିବ ବୋଲି ବିଜେପି ଅଳିନ୍ଦରେ ଚର୍ଚ୍ଚା ହେଉଛି । ଯଦି ସେ ସଭାପତି ହୁଅନ୍ତି ତେବେ ବିଜେପିର ସର୍ବକନିଷ୍ଠ ସଭାପତି ହେବାର ଗୌରବ ଅର୍ଜନ କରିବେ ।

## ସିକିମ୍ ଓ ଛତିଶଗଡ଼ରେ ଦଳ ପାଇଥିଲା ସଫଳତା

ନୀତିନ ନବୀନ ଯୁବମୋର୍ଚ୍ଚାର ସାଧାରଣ ସମ୍ପାଦକ ଥିବାବେଳେ ଅରୁଣାଚଳ ପ୍ରଦେଶ ଓ ଅନ୍ୟ ଉତ୍ତର ପୂର୍ବାଞ୍ଚଳ ରାଜ୍ୟରେ ପଦଯାତ୍ରା କରିଥିଲେ । ସିକିମରେ ଦଳର ସେଭଳି ସ୍ଥିତି ନଥିଲେବି ସେ ବିଜେପିକୁ ଜିତାଇବାରେ ସଫଳ ହୋଇଥିଲେ । ୨୦୨୩ରେ ଛତିଶଗଡ଼ର ପ୍ରଭାରୀ ଭାବେ ମଧ୍ୟ ସଫଳତା ଲାଭ କରିଥିଲେ ।

# ନବୀନଙ୍କୁ ଖୋଜୁଛି ହିଞ୍ଜିଳି



ହିଞ୍ଜିଳିରୁ ୬ ଥର ଜିତିଲେଣି ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ । ବୋଧହୁଏ ଓଡ଼ିଶା ରାଜନୀତିକ ଇତିହାସରେ ନବୀନ ହେଉଛନ୍ତି ଏକମାତ୍ର ନେତା, ଯିଏ ନିଜ ନିର୍ବାଚନମଣ୍ଡଳୀର ସବୁ ପଞ୍ଚାୟତ ନାମ ଜାଣିନଥିଲେବି ଜିତିବାରେ ଛକା ମାରିଛନ୍ତି । ପୂର୍ବରୁ ନବୀନ ବାବୁ ମୁଖ୍ୟମନ୍ତ୍ରୀ ଥିଲେବୋଲି ହିଞ୍ଜିଳି ବିକାଶ ପାଇଁ ସେ ଯାହା ଚାହୁଁଥିଲେ, ତତକ୍ଷଣାତ ହୋଇଯାଉଥିଲା । ଏବେ କିନ୍ତୁ ସେ ସ୍ଥିତି ଆଉ ନାହିଁ । ଲୋକେ ଏବେ ନବୀନଙ୍କୁ ଖୋଜିବା ଆରମ୍ଭ କରିଦେଲେଣି ।

ଭାତ ହାଣ୍ଡିରୁ ଗୋଟିଏ ଚିପିବା ଭଳି ଶେରଗଡ଼ ଏନଏସି ପ୍ରସଙ୍ଗ ବିଚାରକୁ ନିଆଯାଇପାରେ । ନବୀନ ସରକାର ଅମଳରେ ଶେରଗଡ଼କୁ ଏନଏସି ଭାବେ ଘୋଷଣା କରିଥିଲେ । ତେବେ ନୂଆ ସରକାର ଆସିବା ପରେ ଯେଉଁ ଏନଏସି ତାଲିକା ଘୋଷଣା ହୋଇଛି ସେଥିରେ ଶେରଗଡ଼ ନାହିଁ। ଏଥିପାଇଁ ଶେରଗଡ଼ରେ ୧୨ ଘଣ୍ଟିଆ ବନ୍ଦ ଡାକରା ବି ଦିଆଯାଇଥିଲା । ସ୍ଥାନୀୟ ଲୋକ ଓ ବିଜେଡ଼ି ନେତାଙ୍କର ଦୁଃଖ ହେଉଛି, ନବୀନ ଏନେଇ ପଦୁଟିଏ ବି କହିଲେ ନାହିଁ। ନବୀନ ଯଦି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପଦେ କହିଥା'ନ୍ତେ ତେବେ ତୁରନ୍ତ ଏହା ଏନଏସି ହୋଇପାରନ୍ତା । କାହିଁକିନା ନବୀନଙ୍କ ଦାବି ବା ପରାମର୍ଶକୁ ମୋହନ ମନା କରିବାର କାରଣ ହିଁ ନାହିଁ। ଏବେବି ମୋହନ ମାଝୀ ସବୁବେଳେ ନବୀନଙ୍କୁ ସମ୍ମାନ ଦେଇ ଆସୁଛନ୍ତି। ବିଜେପିର ସବୁ ନେତାବି ବ୍ୟକ୍ତିଗତ ଭାବେ ସମ୍ମାନ ଦେଉଛନ୍ତି । ବିଧାନସଭାରେ ହେଉ ଅବା ଏକ୍ସରେ ନବୀନ ଶେରଗଡ଼କୁ ନେଇ ପଦୁଟିଏ କହୁନଥିବାରୁ ଶେରଗଡ଼ବାସୀ ଦୁଃଖିତ ଅଛନ୍ତି । ଏବେବି ସମୟ ଅଛି, ନବୀନ ନିଜ ନିର୍ବାଚନମଣ୍ଡଳୀ ପାଇଁ କିଛି କରନ୍ତୁ ବୋଲି ସାଧାରଣରେ ଦାବି ଉଠୁଛି ।

## ମା' ବିରଜାଲୋ...

# ଧର୍ମଶାଳାକୁ ରକ୍ଷା କରେ...

ଗ୍ୟାଙ୍ଗ ଅଫ ହୋସିୟାରପୁର, ଗ୍ୟାଙ୍ଗ ଅଫ ଗୋଦାବରୀ, ଗ୍ୟାଙ୍ଗ ଅଫ ପୁରୀ ଭଳି ଏବେ ଗ୍ୟାଙ୍ଗ ଅଫ ଧର୍ମଶାଳା ସାରା ରାଜ୍ୟରେ ଚହଳ ସୃଷ୍ଟି କରିଛି । ଏପଟେ ବିଜେଡ଼ି ନେତା ପ୍ରଣବ ବଳବନ୍ତରାୟ ଆଉ ସେପଟେ ବିଧାୟକ ହିମାଂଶୁ ଶେଖର ସାହୁ ବା ଲିକୁ ସାହୁଙ୍କ ମଧ୍ୟରେ ଲଢ଼େଇ ଚାଲିଛି। ପଲଟିକାଲ ଲଢ଼େଇ ବଦଳରେ ସେଠି ଏବେ ଠେଙ୍ଗା, ଖଣ୍ଡା ହିଁ କଥା କହିବା ଆରମ୍ଭ କରିଛି। ସତେଯେମିତି ଧର୍ମଶାଳା ଏବେ ୟୁପି କିମ୍ବା ବିହାରର ଏକ ନିର୍ବାଚନମଣ୍ଡଳୀ ପାଲଟିଯାଇଛି। ଏ କଳି ଏବେ ନୁହେଁ ଗତ କିଛିମାସ ଧରି ଚାଲିଆସିଛି। କେବେ ଲିକୁ ସାହୁଙ୍କ ଉପରେ ଆକ୍ରମଣ ହେବାର ଅଭିଯୋଗ ଆସିଛି ତ କେବେ ପ୍ରଣବ ବଳବନ୍ତରାୟ ଓ ତାଙ୍କ ସମର୍ଥକଙ୍କ ଉପରେ ଆକ୍ରମଣ ହେବାର ଅଭିଯୋଗ ଆସୁଛି। ସବୁଠାରୁ ବଡ଼ କଥାଟି ହେଉଛି, ଉଭୟପକ୍ଷ ଏଥିପାଇଁ ଉଭୟପକ୍ଷଙ୍କୁ ଦାୟୀ କରିଆସୁଛନ୍ତି। ପୁଲିସ୍ ବି ହାତ ବାନ୍ଧି ବସିଛି। ଏ ସାମଗ୍ରୀକ ଘଟଣାରେ କଠୋର କାର୍ଯାନୁଷ୍ଠାନ ହେଉନଥିବାରୁ ଗୁଣ୍ଡାତତ୍ତ୍ୱଙ୍କ ମୁହଁ ବଢ଼ିବଢ଼ି ଚାଲିଛି। ଆଜି ଯାଜପୁରର ଧର୍ମଶାଳାରେ ଏ ଘଟଣା ଘଟିଲା, ଏହା ଉପରେ ଲଗାମ ନଲାଗିଲେ କାଲି ଅନ୍ୟ ନିର୍ବାଚନମଣ୍ଡଳୀରେ ଏଭଳି ସ୍ଥିତି ଉପୁଜିଲେ ଆଶ୍ଚର୍ଯ୍ୟ ହେବାର ନାହିଁ। ଏମିତିକି ଆଗାମୀ ଦିନରେ ପଞ୍ଚାୟତ ନିର୍ବାଚନ। ପୁଲିସ ଯଦି ବିନା ପକ୍ଷପାତିତାରେ ତଦନ୍ତ ନକରିବ ତେବେ ସାରା ରାଜ୍ୟରେ ଏହା ଉପରେ ପ୍ରତିକୂଳ ପ୍ରଭାବ ପଡ଼ିବ। ଏହାଦ୍ୱାରା ପରୋକ୍ଷରେ ମୋହନ ସରକାର ହିଁ ବଦନାମ ହେବେ। ଗଞ୍ଜାମ ବିନା ପ୍ରାୟତଃ ରାଜନୀତିକ ହିଂସା ଅନ୍ୟ ଜିଲ୍ଲାମାନଙ୍କରେ ବିଶେଷ ଭାବେ ଦେଖିବାକୁ ମିଳେନାହିଁ। ଅନ୍ୟ ଅଞ୍ଚଳରେ କାଁ ଭାଁ ଛୋଟମୋଟ କଳି ହିଁ ଦେଖିବାକୁ ମିଳେ। ଧର୍ମଶାଳାରେ କିନ୍ତୁ ରକ୍ତାକ୍ତ ସଂଘର୍ଷ ଆରମ୍ଭ ହୋଇଯାଇଛି। ଏବେ ପ୍ରଶ୍ନ ଉଠୁଛି ଏଥିପାଇଁ କିଏ ଦାୟୀ ? ଯାଜପୁରର ଯାଜପୁର, ସୁକିନ୍ଦା, କୋରେଇ, ବଡ଼ଚଣା, ବରି କିମ୍ବା ବିଞ୍ଝାରପୁରରେ ହିଂସାକାଣ୍ଡ ନଥିବାବେଳେ ଧର୍ମଶାଳାରେ କିନ୍ତୁ ସ୍ଥିତି ସଂଗୀନ ହେବାରେ ଲାଗିଛି। ଲିକୁ ସାହୁ ଶାସକ ଦଳର ଜଣେ ଟାଣୁଆ ବିଧାୟକ। ଆଜିକା ଦିନରେ ତାଙ୍କର କ୍ଷମତା ବି ବେଶ୍ ବଢ଼ିଯାଇଛି। ସେପଟେ ପ୍ରଣବ ଜଣେ ଦୁର୍ବଳ ନେତା ହୋଇଥିବାରୁ ଲିକୁଙ୍କୁ ସାମ୍ନା କରିବାରେ ବିଫଳ ହେଉଛନ୍ତି ବୋଲି ଯାଜପୁର ରାଜନୀତିକ ମହଲରେ ଚର୍ଚ୍ଚା ହେଉଛି। ଅବଶ୍ୟ କେବଳ ହିଂସାକାଣ୍ଡ ପାଇଁ ଲିକୁଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରିଦେଲେ ହେବନାହିଁ, କାହିଁକିନା ଗୋଟିଏ ହାତରେ ତାଳି ବାଜେ ନାହିଁ । ତେବେ ଏକଥା ସତଯେ, ଲିକୁ ଓ ତାଙ୍କ ସମର୍ଥକମାନେ ହିଂସାକାଣ୍ଡକୁ ଉସକାଉଥିବା ବେଳେ ପ୍ରଣବ ମଧ୍ୟ କଳି ଲଗାଇ ଖସି ଆସୁଛନ୍ତି ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ଯାଜପୁର ନେତାମାନେ ଭାରି ଚାଲାକ। ଉଭୟ ପକ୍ଷ କଳି କରୁଛନ୍ତି, ମାମଲା ମଧ୍ୟ କରୁଛନ୍ତି ଆଉ ଥାନା ବି ଘେରାଉ କରୁଛନ୍ତି। ତେବେ ଧର୍ମଶାଳାବାସୀ ଜାଣିଛନ୍ତି ଏ କଳି କାହିଁକି ହେଉଛି ଓ ଏହାର ମଞ୍ଜି କିଏ ? କିଛି ଲୋକ କିଛି ଦିନ ପାଇଁ ଅନ୍ୟମାନଙ୍କୁ ବୋକା ବନାଇ ପାରନ୍ତି, ହେଲେ ସବୁଦିନ ପାଇଁ ନୁହେଁ। ଏକଥା ବି ଭୁଲିଯିବା ଉଚିତ୍ ନୁହେଁ। ମୋହନ ସରକାର ଏନେଇ ଦୃଢ଼ ପଦକ୍ଷେପ ନନେଲେ ସରକାର ବଦନାମ ହେବା ନିଶ୍ଚିତ। ଧର୍ମଶାଳା ହିଂସାକାଣ୍ଡ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳର ସାଧାରଣ କର୍ମୀମାନେ ବି ଭୟଭୀତ ହୋଇଯାଇଛନ୍ତି । ଯେଉଁଥିପାଇଁ ସମସ୍ତେ କହୁଛନ୍ତି, ମା' ବିରଜାଲୋ..., ଧର୍ମଶାଳାକୁ ରକ୍ଷା କରେ... ।





ଓଡ଼ିଶାରେ ଖବର କହିଲେ ଏବେ ରାଜନୀତିକୁ ହିଁ ବୁଝାଉଛି। ଟିଭି, ପତ୍ରପତ୍ରିକା ଠାରୁ ଆରମ୍ଭ କରି ବହୁଳ ପ୍ରସାରିତ ଦୈନିକ କାଗଜ ଯାଏଁ ସବୁଠି ସମ୍ବାଦର ବଡ଼ ଅଂଶ ରାଜନୀତି ହିଁ ମାଡ଼ିବସିଛି। ଅଥଚ ରାଜ୍ୟର ରାଜନୀତି, ରାଜନେତା, ରାଜନୈତିକ ବିଚାର, ବିବାଦ ଓ ବିଧାନକୁ ନେଇ ପୁସ୍ତକ ସଂଖ୍ୟା ହାତଗଣତି। ଆମେ କାହାଣୀ ଲେଖୁଥିବା ଲେଖକମାନେ ଯଦିଓ ଗଳ୍ପ, ଉପନ୍ୟାସରେ ରାଜନୈତିକ ଘଟଣା ଓ ରାଜନେତାଙ୍କୁ ଚରିତ୍ର କରିବାର ଉଦାହରଣ ଗଣାଅଧିକେ ରହିଛି, ତେବେ ତାହା ପର୍ଯ୍ୟାପ୍ତ ନୁହେଁ। ଓଡ଼ିଶାର ରାଜନୀତି, ବିଧିବ୍ୟବସ୍ଥା, ଶାସନତନ୍ତ୍ର, ବିକାଶ, ଦୁର୍ନୀତି ଓ ଲୋକମତକୁ ନେଇ ଅଧିକ ପୁସ୍ତକର ଆବଶ୍ୟକତା ରହିଛି। ଏ କାମଟି କେବଳ ରାଜନେତା ଓ ସାମ୍ବାଦିକମାନେ ହିଁ କରିପାରିବେ। କାରଣ ସେମାନେ ଓଡ଼ିଶାର ରାଜନୀତିକୁ ଅତି ନିକଟରୁ ଦେଖିଛନ୍ତି। ରାଜ୍ୟର ଅଗ୍ରଣୀ ପ୍ରକାଶନ ସଂସ୍ଥା ପେନ୍ ଇନ୍ ବୁକ୍ସ ଏଭଳି ପୁସ୍ତକ ପ୍ରକାଶନ ପାଇଁ ପ୍ରୋତ୍ସାହନ ଦେଉଥିବାବେଳେ ସାମ୍ବାଦିକ, ରାଜନେତା ଓ ସମାଜବିତ୍‌ମାନେ ଓଡ଼ିଶାର ଏକ କାଳଖଣ୍ଡର ସାକ୍ଷ୍ୟ ଦେବା ଲାଗି ପୁସ୍ତକ ଲେଖନ୍ତୁ ବୋଲି ଅନୁରୋଧ।

ଶୁଭାଂଶୁ ପଣ୍ଡା
ପ୍ରସିଦ୍ଧ କଥାଶିଳ୍ପୀ, ପ୍ରତିଷ୍ଠାତା - ପେନ୍ ଇନ୍ ବୁକ୍ସ




# ବିଚାର ବିବାଦ ବିଧାନ


ପ୍ରତିଘର ପାଠାଗାର
20 ପେନ୍ ଇନ୍ ବୁକ୍ସ
PEN IN BOOKS
twenty years of excellence


## ରାଜୁତି, ରାଜନୀତି ଓ ରାଷ୍ଟ୍ରଗଠନ ସମ୍ବନ୍ଧରେ ୭ଟି ସ୍ୱତନ୍ତ୍ର ଗ୍ରନ୍ଥ ଏକତ୍ର
## ୩,୧୯୩ ଟଙ୍କାର ପୁସ୍ତକ ମାତ୍ର ୧,୯୯୯ ଟଙ୍କାରେ


38% OFF
ଡାକ ଖର୍ଚ୍ଚ ଆମର

















ନିର୍ଦ୍ଦିଷ୍ଟ ପୁସ୍ତକ ବିଷୟରେ ଅଧିକ ଜାଣିବାକୁ ଓ ପୁସ୍ତକଟି କିଣିବାକୁ ଚାହୁଁଥିଲେ, ମୋବାଇଲ କ୍ୟାମେରାରେ ପୁସ୍ତକ ସଂଲଗ୍ନ କ୍ୟୁ-ଆର୍ କୋଡ୍ ସ୍କାନ୍ କରି ୱେବ୍‌ସାଇଟ୍‌କୁ ଯାଆନ୍ତୁ।

**ରାଜନୀତି ବିଷୟରେ ଆଲୋଚନା କରିବା, ନେତାଙ୍କୁ ଗାଳିଦେବା ଅଥବା ଆଖିବୁଜି ସମର୍ଥନ କରିବା, ସାମାଜିକ ଗଣମାଧ୍ୟମ ଓ ଖଟିରେ ମତ ଦେବା, ଅଥଚ ରାଜନୀତି ଓ ଶାସନତନ୍ତ୍ରର ଭିତିରି କଥା ଜାଣିବା ନାହିଁ କି ପଢ଼ିବା ନାହିଁ - ଏ କେମିତିକା କଥା ?**

**ରାଜନୀତି ଓ ରାଷ୍ଟ୍ରନୀତିରେ ଆଗ୍ରହ ରଖୁଥିବା ବ୍ୟକ୍ତିଙ୍କ ପାଇଁ ଏହି ୭ଟି ପୁସ୍ତକ ପଢ଼ିବା ଓ ସାଇତିବା ଜରୁରୀ।**

ଆମର ସମ୍ପୂର୍ଣ୍ଣ ପୁସ୍ତକ ତାଲିକା ଦେଖିବା ପାଇଁ ବାମ ପାଖେ ଥିବା କ୍ୟୁ-ଆର୍ କୋଡ୍ ସ୍କାନ୍ କରନ୍ତୁ।

ପେନ୍ ଇନ୍ ବୁକ୍ସ

#ପ୍ରତିଘରପାଠାଗାର #PratiGharaPathagara
#ପେନ୍‌ଇନ୍‌ବୁକ୍ସ #peninbooks
facebook.com/peninbooks
instagram.com/peninbooks_
twitter.com/peninbooks
youtube.com/@PENINBOOKS
peninbooks.com

ପୁସ୍ତକ ପାଇବା ପଦ୍ଧତି

- ଯେକୌଣସି ୟୁପିଆଇ ଆପ୍, ଯଥା- ଫୋନ୍‌ପେ', ପେ'ଟିଏମ୍, ଗୁଗୁଲ୍‌ପେ', ଭିମ୍ ଆପ୍, କ୍ରେଡ୍ ଇତ୍ୟାଦିରେ ଡାହାଣ ପାଖରେ ଥିବା କ୍ୟୁ-ଆର୍ କୋଡ୍ ସ୍କାନ୍ କରି କିମ୍ବା ୟୁପିଆଇ ଆଇଡି odiamedia@icici ରେ ୧,୯୯୯ ଟଙ୍କା ପଇଠ କରନ୍ତୁ।
- ୟୁପିଆଇ ରେଫରେନ୍ସ ନମ୍ବର ସ୍ପଷ୍ଟ ଦିଶୁଥିବା ସଫଳ ପଇଠର ସ୍କ୍ରିନସଟ୍ ସହ ନିଜର ସମ୍ପୂର୍ଣ୍ଣ ଠିକଣା, ପିନ୍ କୋଡ୍ ଓ ଫୋନ୍ ନମ୍ବର ତଳ ନମ୍ବରକୁ ହ୍ୱାଟ୍ସଆପ୍‌ରେ ପଠାଇବେ।
- ସ୍ପିଡ୍‌ପୋଷ୍ଟ / କୋରିଅର୍ ଯୋଗେ କ୍ରେତାଙ୍କୁ ରସିଦ ସହିତ ପୁସ୍ତକ ପଠାଯିବ।*
- ଯୋଜନା ୩୧ ଡିସେମ୍ବର ୨୦୨୫, ରାତି ୧୧ଟା ୫୯ ଯାଏଁ ବୈଧ। ଏହି ତାରିଖ ପରେ ଅଥବା ୧,୯୯୯ ଭିନ୍ନ ଅନ୍ୟ ପରିମାଣର ଅର୍ଥ ପଇଠ କଲେ ପୁସ୍ତକ ପଠାଯିବ ନାହିଁ।

78469 81182

UPI ID - odiamedia@icici

Printed & Published by BALARAM RANASINGH on behalf of BALARAM RANASINGH, Printed at Mayur Offset Printers Plot No D 1/1, Sec-A, Zone-D, Mancheswar Industrial Estate Bhubaneswar-751010, Khordha, Odisha and published at AT- MANITRI, PO- GARHMANATIR, BEGUNIA, DIST-KHORDHA, ODISHA, e-mail: garvitodia@gmail.com, +91-9040988908

Editor
BALARAM RANASINGH